ବର୍ଷ-୨୫, ସଂଖ୍ୟା-୨୭୦
ଭୁବନେଶ୍ୱର
୧୧, ଅକ୍ଟୋବର, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 270
Bhubaneswar
11, October, 2025 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



ମୁହଁ ଖୋଲିଲେ ଦୀପିକା

# ୧୫ ପ୍ରସ୍ତାବରେ ବାଜିଲା କ୍ୟାବିନେଟ୍ ମୋହର

ଭୁବନେଶ୍ୱର,୧୦।୧୦(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୧୦ଟି ବିଭିନ୍ନ ବିଭାଗର ୧୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ୍ ନିଷ୍ପତ୍ତି ସଂପର୍କରେ ସାମ୍ବାଦିକମାନଙ୍କୁ ସୂଚନା ଦେଇଥିଲେ।

ଚଳିତ ଖରିଫ ବିପଣନ ବର୍ଷ ପାଇଁ ଧାନ ସଂଗ୍ରହ ଚଳିତ ଅକ୍ଟୋବର ୧ରୁ ଆରମ୍ଭ ହୋଇ ୨୦୨୬ ସେପ୍ଟେମ୍ବର ୩୦ରେ ଶେଷ ହେବ। ଏହି ବର୍ଷବ୍ୟାପୀ ଅବଧୀ ମଧ୍ୟରେ ରାଜ୍ୟ ସରକାର ଖରିଫ ଓ ରବି ଋତୁ ପାଇଁ ପୃଥକ ଭାବରେ ଧାନ ସଂଗ୍ରହ କରିବେ। ନଭେମ୍ବର ମାସରୁ ଖରିଫ ଋତୁରେ ଉତ୍ପାଦିତ ଧାନ କିଣାଯିବ। ଆସନ୍ତା ବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ଚାଷୀମାନଙ୍କ ଠାରୁ କିଣାଯିବ କେବଳ ପଂଜୀକୃତ ଚାଷୀମାନଙ୍କ ଠାରୁ ଧାନ କିଣାଯିବ। ମେ ରୁ ଜୁନ୍ ରବି ଧାନ କିଣାଯିବ। ଖରିଫ ବିପଣନ ବର୍ଷ ୨୦୨୫-୨୬ ବର୍ଷ ପାଇଁ ୬୩ ଲକ୍ଷ ମେଟ୍ରିକ ଟନର ଚାଉଳ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଧାନ ହିସାବରେ ପ୍ରାୟ ୯୩ ଲକ୍ଷ ମେଟ୍ରିକ୍ ଟନ୍ ହେବ। ଖରିଫ ଓ ରବି ଧାନ ସଂଗ୍ରହର ଧାର୍ଯ୍ୟ ଲକ୍ଷ ଯଥାକ୍ରମେ ୭୩ ଲକ୍ଷ ଓ ୨୦ ଲକ୍ଷ ମେଟ୍ରିକ୍ ଟନ୍ ରହିବ। ଏହାଠାରୁ ଅଧିକ ଧାନ ଯଦି ପଞ୍ଜିକୃତ ଚାଷୀଙ୍କଠାରୁ ମଣ୍ଡିକୁ ଆସେ ତାହା ମଧ୍ୟ ରାଜ୍ୟ ସରକାର କ୍ରୟ କରିବେ। ଏକ କ୍ୟାବିନେଟ୍ ଉପ କମିଟି/ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ସଂଗ୍ରହଣ ନୀତିର କାର୍ଯ୍ୟାନ୍ୱୟନ ସମୀକ୍ଷା କରିବେ ଏବଂ ଆବଶ୍ୟକ ପଡ଼ିଲେ ସାମଗ୍ରିକ ଧାର୍ଯ୍ୟ ଲକ୍ଷ୍ୟ ସଂଶୋଧନ କରିବେ।

କେବଳ ପଞ୍ଜିକୃତ ଚାଷୀମାନଙ୍କଠାରୁ ସେମାନଙ୍କର ବଳକା ଧାନ ସଂଗ୍ରହ କରାଯିବ। ସରକାରଙ୍କୁ ଧାନ ବିକ୍ରି ପାଇଁ ଆଧାର ହେବ ଏକ ମାତ୍ର ପରିଚୟ ପତ୍ର। ଉପଗ୍ରହ ଚିତ୍ର ମାଧ୍ୟମରେ ପଞ୍ଜିକୃତ ହୋଇଥିବା ଚାଷ ଜମି ଗୁଡିକର ଶତ ପ୍ରତିଶତ କ୍ଷେତ୍ର ଯାଞ୍ଚ ଏବଂ ଜମି ବିବରଣୀର ବୈଧତା ଯାଞ୍ଚ କରାଯାଉଛି। ପଞ୍ଜିକୃତ ଯୋଗ୍ୟ ଚାଷୀମାନଙ୍କୁ ଧାନ ସଂଗ୍ରହ ବାବଦ କ୍ରୟ ଦିବସ ଓ ପରିମାର ସଂପର୍କର ଆଗୁଆ ସୂଚନା ମୋବାଇଲ ଫୋନକୁ ଏସଏମଏସ / ହ୍ୱାର୍ଟସଅପ୍ ବାର୍ତା ମାଧ୍ୟମରେ ସୂଚାଇ ଦିଆଯିବ। ସରକାରଙ୍କୁ ଧାନ ବିକ୍ରୟ କରିବା ପାଇଁ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଅଗ୍ରାଧିକାର ପ୍ରଦାନ କରାଯିବ। ଭାରତ ସରକାରଙ୍କ ନିର୍ଦ୍ଧାରଣ ଅନୁସାରେ ସାଧାରଣ ଧାନ ଓ ଗ୍ରେଡ ଏ ଧାନ ପାଇଁ ଏମଏସ୍‌ପି ଯଥାକ୍ରମେ ୨୩୬୯ ଓ ୨୩୮୯ ହାରରେ ଚାଷୀଙ୍କୁ ପ୍ରଦାନ କରାଯିବ।

-ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ପରୀକ୍ଷାଗାର ଟେକ୍ନିସିଆନ୍ ସେମା ନିୟମ-୨୦୨୫କୁ କ୍ୟାବିନେଟ୍‌ରେ ମଂଜୁରୀ।

ରାଜ୍ୟରେ ନୂତନ ପୁଂଜିନିବେଶକୁ ଆକର୍ଷିତ କରିବା ପାଇଁ ଶିଳ୍ପ ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ଅଧିକ ନିଯୁକ୍ତି ସୁଯୋଗ କରିବା ପାଇଁ ରାଜ୍ୟ କ୍ୟାବିନେଟ୍ ୨୦୨୫ ସେପ୍ଟେମ୍ବର ୨୯ରେ ଅନୁଷ୍ଠିତ ଏହାର ୨୭ତମ ବୈଠକରେ ଓଡ଼ିଶାରେ ପ୍ରୟୋଜ ନିମନ୍ତେ କାରଖାନା ଆଇନ ୧୯୪୮ରେ ସଂଶୋଧନ ପାଇଁ ପ୍ରସ୍ତାବ ଅନୁମୋଦନ କରିଥିଲେ।



କ୍ଷୁଦ୍ର ବ୍ୟବସାୟ ଉପରେ ଅନୁପାଳନ ବୋଝ ହ୍ରାସ କରିବା ପାଇଁ ରାଜ୍ୟରେ ଅଧିକ ଆର୍ଥିକ କାର୍ଯ୍ୟକଳାପ ସୃଷ୍ଟି କରିବା ପାଇଁ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ କରିବା ପାଇଁ ମହିଳାମାନଙ୍କ ପାଇଁ ଅଧିକ କାର୍ଯ୍ୟ ଅଂଶଗ୍ରହଣ ସୁଯୋଗକୁ ପ୍ରୋତ୍ସାହିତ କରିବା ନିମନ୍ତେ କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ କ୍ୟାବିନେଟ୍‌ର ଗୃହୀତ ନିଷ୍ପତ୍ତି କ୍ରମେ ସ୍ୱଚ୍ଛ ଓଡ଼ିଶା ନାମିତ ରାଜ୍ୟ ଯୋଜନାରେ ପାଞ୍ଚ ବର୍ଷର ଅବଧି (ଆର୍ଥିକ ବର୍ଷ ୨୦୨୫-୨୬ରୁ ୨୦୨୯-୩୦) ପାଇଁ ୧୬୦୦ କୋଟି ଟଙ୍କା ଅନୁମୋଦନ କରାଯାଇଛି। ଓଡ଼ିଶା ଟିକସ ଏବଂ ହିସାବ ସେବା ନିୟମ (ସଂଶୋଧନ) ନିୟମ, ୨୦୨୧ର ୧୮ ଅନୁଯାୟୀ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ପଦୋନ୍ନତି ମାଧ୍ୟମରେ ଓଡ଼ିଶା ଟିକସ ଏବଂ ହିସାବ ସେବାରେ ନିଯୁକ୍ତ ପ୍ରାର୍ଥୀଙ୍କ ପାଇଁ ଇଣ୍ଡକ୍ସନ ଓ ଇନଷ୍ଟିସିଓନାଲ୍ ତାଲିମର ଅବଧି ଯଥାକ୍ରମେ ୧୦ ମାଓ ଓ ୪ ମାସ ରହିଛି। ରାଜ୍ୟ ସରକାର ଆଜି ଓଡ଼ିଶା ଜନ ବିଶ୍ୱାସ ଅଧ୍ୟାଦେଶ, ୨୦୨୫କୁ ଅନୁମୋଦନ କରିଛନ୍ତି। ଯାହାଦ୍ୱାରା କ୍ଷୁଦ୍ର ଓ ପ୍ରକ୍ରିୟାଗତ ନିୟାମକ ଅପରାଧକୁ ଅପରାଧମୁକ୍ତ କରିବା, ଦଣ୍ଡକୁ ଯୁକ୍ତିଯୁକ୍ତ କରିବା ଏବଂ ମନୋନୀତ ରାଜ୍ୟ ଆଇନରୁ ଅନାବଶ୍ୟକ ଅନୁପାଳନ ବୋଝକୁ ଦୂର କରିବା ପାଇଁ ଏକ ଐତିହାସିକ ଆଇନଗତ ସଂସ୍କାର। ଏହି ଅଧ୍ୟାଦେଶ ଜରିମାନା ବ୍ୟବସ୍ଥାକୁ ବଦଳାଇ ଭିନ୍ନ ଭିନ୍ନ ସ୍ତରରେ ଅର୍ଥଦଣ୍ଡ ବ୍ୟବସ୍ଥା, ପ୍ରକ୍ରିୟାଗତ ତ୍ରୁଟି ପାଇଁ ଦଣ୍ଡର ବ୍ୟବସ୍ଥା କରିବା ଏବଂ ବୈଷୟିକ କିମ୍ବା ନିୟାମକ ଉଲ୍ଲଂଘନ ପାଇଁ ସମାନୁପାତିକ ମଞ୍ଜୁରୀ, ଅଣଗୁରୁତର ମାମଲାର କାରାଦଣ୍ଡକୁ ଦୂର କରିବା ପାଇଁ କାର୍ଯ୍ୟକାରୀ କରିବ। ଏହାଦ୍ୱାରା ସମାଧାନ ସମୟକୁ ହ୍ରାସ କରାଯିବାସହିତ ମକଦ୍ଦମା ଖର୍ଚ୍ଚ ମଧ୍ୟ ହ୍ରାସ କରାଯାଇପାରିବ। ରାଜ୍ୟର ଇଏସଆଇ ହସ୍ପିଟାଲ ଏବଂ ଡିସପେନସାରିରେ ସେବା କରିବା ପାଇଁ ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ପରୀକ୍ଷାଗାର ଟେକ୍ନିସିଆନ୍ ସେବାରେ ନିଯୁକ୍ତ ବ୍ୟକ୍ତିମାନଙ୍କ ନିଯୁକ୍ତି, ପଦୋନ୍ନତି ଏବଂ ସେବା ସର୍ତ୍ତାବଳୀୟର ସଠିକ୍ ନିୟନ୍ତ୍ରଣ ପାଇଁ ଏକ ନୂତନ କ୍ୟାଡର ନିୟମ ଓଡ଼ିଶା କର୍ମଚାର ରାଜ୍ୟ ବୀମା ଯୋଜନା ପରୀକ୍ଷାଗାର ଟେକ୍ନିସିଅନ୍ ନିୟମ ୨୦୨୫ ପ୍ରସ୍ତୁତ କରାଯାଇଛି। ନବକୃଷ୍ଣ ଚୌଧୁରୀ ସେଚାଉନ୍ନୟଣନ ଯୋଜନାକୁ ଆହୁରି ୫ ବର୍ଷ ଅର୍ଥାତ୍ ୨୦୨୫-୨୬ ରୁ ୨୦୨୯-୩୦ ପର୍ଯ୍ୟନ୍ତ ୧୪୩୭ କୋଟି ବ୍ୟୟରେ ଆଜି ସଂପ୍ରସାରିତ କରିବାକୁ ଆଜି ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଯାହାଦ୍ୱାରା ୪୮୬୨ ହେକ୍ଟର ଅତିରିକ୍ତ ସେଚାଞ୍ଚଳ ସୃଷ୍ଟି କରାଯାଇପାରିବ। ଆଜି ରାଜ୍ୟ କ୍ୟାବିନେଟ୍ ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ ଯୋଜନାର ଅବଧିକକୁ ୫ ବର୍ଷ ନିମନ୍ତେ ୨୦୨୯-୩୦ ମସିହା ପର୍ଯ୍ୟନ୍ତ ୧୯୯୪୧ କୋଟି ଟଙ୍କାର ଆନୁମାନିକ ମୂଲ୍ୟରେ ବୃଦ୍ଧି କରିବା ନିମନ୍ତେ ଅନୁମଦେନା କରିଛନ୍ତି। ଜଳ ସମସ୍ୟା ସମାଧାନ ପାଇଁ କ୍ୟାବିନେଟ୍ ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନାକୁ ୧୯୭୦ କୋଟି ଆନୁମାନିକ ମୂଲ୍ୟରେ ଅର୍ଥିକ ବର୍ଷ ୨୦୨୫-୨୬ ରୁ ୨୦୨୯-୩୦ ମଧ୍ୟରେ କାର୍ଯ୍ୟକାରୀ କରିବା ନିମନ୍ତେ ଅନୁମୋଦନ କରିଛନ୍ତି। ସେହିପରି ରାଜ୍ୟ ସରକାର ଦ୍ୱିତୀୟ ପର୍ଯ୍ୟାୟ ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ଯୋଜନକୁ ଅନୁମୋଦନ କରିଛନ୍ତି। ଏହି ଯୋଜନାରେ ୧୦୭୫୯ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟବରାଦରେ ନଦୀ, ଜଳଭଣ୍ଡାର ଏବଂ କେନାଲରୁ ଜଳ ଉତ୍ତୋଳନ କରାଯାଇ ୨୬୩୮୦୧ ହେକ୍ଟର ଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯିଛି। ଘରୋଇ ଓ ଅଣସହାୟତାପ୍ରାପ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ଜାତୀୟକରଣ ମାଗଙ୍ଗଣାରେ ଯୋଗାଇ ଦିଆଯିବ।

## 'ବଣିକ'ର ୩ ଅଧିକାରୀଙ୍କୁ ଜେରା

ଭୁବନେଶ୍ୱର,୧୦।୧୦(ମହାଭାରତ); ଓଡ଼ିଶା ପୋଲିସ ସବ-ଇନ୍ସପେକ୍ଟର (ଏସଆଇ) ନିଯୁକ୍ତି ପ୍ରକ୍ରିୟାରେ ଘୋଟାଲା ଅଭିଯୋଗକୁ ନେଇ କ୍ରାଇମବ୍ରାଞ୍ଚ ଭୁବନେଶ୍ୱର ସିଆରପି ଛକସ୍ଥିତ 'ବଣିକ' କୋଚିଂ ସେଣ୍ଟର ଉପରେ ଚଢ଼ାଉ କରିଥିଲା। ତେବେ ଶୁକ୍ରବାର କଟକ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ 'ବଣିକ'ର ୩ ଅଧିକାରୀ ହାଜର ହୋଇଥିବା ସୂଚନା ମିଳିଛି। ୩ ଜଣଙ୍କୁ ହାଜର ହେବାକୁ ନୋଟିସ କ୍ରାଇମବ୍ରାଞ୍ଚ ନୋଟିସ କରିଥିଲା। ପୋଲିସ ଏସ୍‌ଆଇ ନିଯୁକ୍ତି ଘୋଟାଲାରେ 'ବଣିକ'ର ଲିଙ୍କ ନେଇ ତନାଘନା ଚାଲିଛି। ଏହି ଘୋଟାଲାରେ ପରୀକ୍ଷାର୍ଥୀଙ୍କ ପାଇଁ ଫିକ୍ସିଂ ଅଭିଯୋଗ ସାମ୍ନାକୁ ଆସିଥିବା ବେଳେ, କ୍ରାଇମବ୍ରାଞ୍ଚ ଡିଏନରେନ୍ଦ୍ର ବେହେରା ସୂଚନା ଦେଇଛନ୍ତି ଯେ, ଗିରଫ ହୋଇଥିବା ୧୧୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କିଛି ପରୀକ୍ଷାର୍ଥୀ 'ବଣିକ' କୋଚିଂ ସେଣ୍ଟରରୁ ପଠାଯାଇଥିବା ଜଣାପଡ଼ିଛି। ଗତକାଲି କ୍ରାଇମବ୍ରାଞ୍ଚ ଅଧିକାରୀମାନେ 'ବଣିକ'ର ଗତ ୫ ବର୍ଷର ରେକର୍ଡ ଯାଞ୍ଚ କରିଥିଲେ ଏବଂ ଏହି ଘୋଟାଲାରେ ସେଣ୍ଟରର ଭୂମିକା ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବାକୁ ଚେଷ୍ଟା କରିଥିଲେ।

## ପଶ୍ଚିମବଙ୍ଗର ୧୦ ସ୍ଥାନରେ ଇଡି ଚଢଉ

କୋଲକାତା,୧୦।୧୦(ମହାଭାରତ): ଦୁଇଟି ପୃଥକ୍ ମନି ଲଣ୍ଡରିଂ ମାମଲା ସହିତ ଜଡ଼ିତ ରାଜ୍ୟ ଅଗ୍ନିଶମ ମନ୍ତ୍ରୀ ସୁଜିତ ବୋଷଙ୍କ କାର୍ଯ୍ୟାଳୟ ସମେତ ପଶ୍ଚିମବଙ୍ଗର ୧୦ଟି ସ୍ଥାନରେ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଏକକାଳୀନ ଚଢ଼ଉ କରିଛି। କୋଲକାତା ଏବଂ ଏହାର ଆଖପାଖ ଅଂଚଳରେ ଏହି ଚଢ଼ଉ ଜାରି ରହିଛି। ଇଡି ଦ୍ୱାରା ତଦନ୍ତ କରାଯାଉଥିବା ଦୁଇଟି ମାମଲା ମଧ୍ୟରୁ ଗୋଟିଏ ପୌରପାଳିକାରେ ଚାକିରି ପାଇଁ ନଗଦ ଠକେଇ ସହିତ ଜଡ଼ିତ, ଅନ୍ୟଟି ବ୍ୟାଙ୍କ ଋଣ ଠକେଇ ମାମଲା ସହିତ ଜଡ଼ିତ। ଏଜେନ୍ସିର ଏକ ଦଳ ଉତର କୋଲକାତାର ସଲ୍ଟ ଲେକ୍ ରେ ମନ୍ତ୍ରୀ ସୁଜିତ ବୋଷଙ୍କ କାର୍ଯ୍ୟାଳୟରେ ମଧ୍ୟ ଚଢଉ କରିଛି, ଯାହା ପୌରପାଳିକାରେ ନିଯୁକ୍ତି ଅନିୟମିତତା ମାମଲା ସହିତ ଜଡ଼ିତ ବୋଲି ଜଣାପଡିଛି। ଏହା ବ୍ୟତୀତ, ଇଡି ଟିମ୍ ଗୁଡ଼ିକ ଦକ୍ଷିଣ କୋଲକାତାର ନ୍ୟୁ ଆଲିପୁର, ଶରତ ବୋଷ ରୋଡ୍ ଏବଂ ରାଜଧାନୀର ଉତର ଭାଗରେ ନାଗେରବଜାରରେ ତଲାସ ଚଳାଇଛନ୍ତି। ନ୍ୟୁ ଆଲିପୁରରେ ଜଣେ ପ୍ରମୁଖ କଲିକତା ହାଇକୋର୍ଟ ଓକିଲଙ୍କ ବାସଭବନରେ ମଧ୍ୟ ତଲାସୀ କରାଯାଇଛି। ପ୍ରତ୍ୟେକ ଦଳ ସହିତ ସୁରକ୍ଷା ପାଇଁ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ) କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି।

# ଆଇଏଏସ୍ ସ୍ତରରେ ବଡ଼ ଅଦଳବଦଳ

ଭୁବନେଶ୍ୱର,୧୦।୧୦(ମହାଭାରତ): ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ପକ୍ଷରୁ ବିଜ୍ଞପ୍ତି ଜାରି କରଯାଇଛି। ୨୦୦୨ ବ୍ୟାଚ୍‌ର ଆଇଏଏସ୍ ତଥା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସଚିବ ଗିରିଶ ଏସ୍‌ଏନ୍‌ଙ୍କୁ ମିସନ ଶକ୍ତି ବିଭାଗରେ ଅତିରିକ୍ତ ଦାୟିତ୍ୱ ମିଳିଛି।


ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ତଥା ୨୦୦୧ ବ୍ୟାଚ୍‌ର ଆଇଏଏସ୍ ଶାଳିନୀ ପଣ୍ଡିତ କେନ୍ଦ୍ରକୁ ଯିବେ। ତାଙ୍କୁ ଅର୍ଥ ମନ୍ତ୍ରାଳୟରେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ଓଡ଼ିଶା ଫିଲ୍ମ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ତଥା ୨୦୧୧ ବ୍ୟାଚର ଆଇଏଏସ୍ ସମର୍ଥ ବର୍ମା ମଧ୍ୟ କେନ୍ଦ୍ରରେ ନିଯୁକ୍ତି ମିଳିଛି। ସେ ଭରତ ସରକାରଙ୍କ ବନ୍ଦର ବିଭାଗରେ ନିର୍ଦ୍ଦେଶକ ଭାବେ କାମ କରିବେ। ସେହିପରି ୨୦୧୪ ବ୍ୟାଚ୍‌ର ଆଇଏଏସ୍ ସ୍ୱଧା ଦେବୀ ସିଂହ ଓଡ଼ିଶା ଉଠାଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକରୁ କେନ୍ଦ୍ର ସରକାରଙ୍କ ଜନଗଣନା ବିଭାଗରେ କାର୍ଯ୍ୟ କରିବାକୁ ନୂଆ। ଦାୟିତ୍ୱ ପାଇଛନ୍ତି। ସେଠାରେ ସେ ନିର୍ଦ୍ଦେଶକ ଭାବେ କାମ କରିବେ। ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତ କେନ୍ଦ୍ର ଡେପୁଟେସନ୍‌ରେ ଯିବା ପରେ ତାଙ୍କ ସ୍ଥାନରେ ୨୦୦୯ ବ୍ୟାଚ୍‌ର ଆଇଏଏସ୍ ନୁନ୍‌ସାବତ ଥିରୁମାଲା ନାଏକଙ୍କୁ ଅବସ୍ଥାପିତ କରାଯାଇଛି। ସେହିପରି ମାନସୀ ନିମ୍ଭାଲଙ୍କୁ ସ୍ୱଧାଦେବୀ ସିଂହଙ୍କ ସ୍ଥାନରେ ଉଠା ଜଳସେଚନ ନିଗମ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତ କରାଯାଇଛି। ରାଜ୍ୟ ସରକାର ଆଇଏଏସ୍ ୨୦୧୨ ବ୍ୟାଚ୍‌ର ସୁରେନ୍ଦ୍ର କୁମାର ମୀନାଙ୍କୁ ଅନୁସୂଚିତ ଜାତି ଓ ଜନଜାତୀ ବିକାଶ ବିଭାଗର ଅତିରିକ୍ତ ସଚିବ ଦ୍ୱାୟିତ୍ୱ ଦେଇଥିବା ବେଳେ ୨୦୧୪ ବ୍ୟାଚ୍‌ର ଆଇଏଏସ୍ ଶୁଭଶ୍ରୀ ନନ୍ଦଙ୍କୁ ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ସେହିପରି ବିଏମ୍‌ସି କମିସନର ଚଞ୍ଚଲ ରାଣାଙ୍କୁ ବିଡିଏ ଉପାଧ୍ୟକ୍ଷ ଓ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍‌ର ଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି।

ଗିରିଶ ଏସ୍.ଏନ୍‌ଙ୍କୁ ମିସନ ଶକ୍ତି ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଥିବା ବେଳେ ପ୍ରେମଜିତ ନାୟକଙ୍କୁ ଅନୁସୂଚିତ ଜନଜାତି ବିଭାଗର ନିର୍ଦ୍ଦେଶକ ନିଯୁକ୍ତି ମିଳିଛି। ଦୀପଙ୍କର ମହାପାତ୍ରଙ୍କୁ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ପ୍ରଣତି ଛୋଟରାୟ ଗୃହ ବିଭାଗର ଅତିରିକ୍ତ ସଚିବ ହୋଇଛନ୍ତି। ୨୦୧୫ ବ୍ୟାଚ୍‌ର ଆଇଏଏସ୍ ନିବେଦିତା ପୃଷ୍ଟିଙ୍କୁ ବୟନିକାର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଥିବା ବେଳେ ୨୦୧୫ ବ୍ୟାଚ୍‌ର ଆଇଏଏସ୍ ମଧୁସ୍ମିତା ସାମଲ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ଭାବେ ଅବସ୍ଥାପିତ ହୋଇଛନ୍ତି। ସଞ୍ଜୟ ବିଶ୍ୱାଳଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗରେ ଅତିରିକ୍ତ ସଚିବ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ ବରିଷ୍ଠ ଓଏଏସ କାହ୍ନୁଚରଣ ଧୀରଙ୍କୁ ଲଘୁ ଖଣିଜ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

# ମାରିଆଙ୍କୁ ନୋବେଲ ଶାନ୍ତି

ନୂଆଦିଲ୍ଲୀ,୧୦।୧୦(ମହାଭାରତ): ଅନେକ ପ୍ରଚାର କରିବା ସତ୍ତ୍ୱେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିପାରିନାହିଁ। ଗତ କିଛି ମାସ ହେବ ଅନେକ ଦେଶ ମଧ୍ୟରେ ଯୁଦ୍ଧର ସମାପ୍ତି କରି ଶାନ୍ତି ଆଣିଥିବା ଦାବି କରିଆସୁଥିବା କହୁଥିଲେ ଟ୍ରମ୍ପ। ଏହା ସହ ସେ ହିଁ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ବୋଲି ଦାବି କରୁଥିଲେ ଟ୍ରମ୍ପ। ହେଲେ ଆଜି ତାଙ୍କର ସେ ସ୍ୱପ୍ନ ଭାଙ୍ଗିଯାଇଛି। ତାଙ୍କ ପରିବର୍ତ୍ତେ ନୋବେଲ କମିଟି ଭେନେଜୁଏଲାର ବିରୋଧୀ ନେତ୍ରୀ ମାରିଆ କୋରିନା ମାଚ୍ଚାଡୋଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିଛି।

ଭେନେଜୁଏଲାରେ ଗଣତନ୍ତ୍ର ଏବଂ ମାନବାଧିକାରକୁ ପ୍ରୋତ୍ସାହିତ କରିବା ଏବଂ ଦେଶରେ ଏକଛତ୍ରବାଦୀ ଶାସନର ଅନ୍ତ ଘଟାଇବା ପାଇଁ ଏକ ଶାନ୍ତିପୂର୍ଣ୍ଣ ସଂଘର୍ଷର ନେତୃତ୍ୱ ନେଇଥିବାରୁ ମାରିଆ କୋରିନା ମାଚ୍ଚାଡୋଙ୍କୁ ୨୦୨୫ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି। ମାରିଆଙ୍କୁ ଭେନେଜୁଏଲାର 'ଆଇରନ୍ ଲେଡି' ବୋଲି କୁହାଯାଏ। ଘୋଷଣା କରିବା ସମୟରେ ନୋବେଲ କମିଟି କହିଛି ଯେ, 'ଭେନେଜୁଏଲାର ଲୋକଙ୍କ ପାଇଁ ଗଣତାନ୍ତ୍ରିକ ଅଧିକାରକୁ ପ୍ରୋତ୍ସାହିତ କରିବାରେ ମାଚ୍ଚାଡୋଙ୍କ ଅକ୍ଳାନ୍ତ ପରିଶ୍ରମ ପାଇଁ ତାଙ୍କୁ ଏହି ସ୍ୱୀକୃତି ଦେଉଛି।' ବିଶ୍ୱ ଶାନ୍ତି, ମାନବାଧିକାର ଏବଂ ସଂଘର୍ଷ ବନ୍ଦ କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଉଥିବା ବ୍ୟକ୍ତି କିମ୍ବା ସଂଗଠନକୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଏ। ଏହି ବର୍ଷ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ନୋବେଲ ଶାନ୍ତି ପୁରସ୍କାର ପାଇଁ ଦୌଡ଼ରେ ଥିଲେ, କିନ୍ତୁ ସେ ଅଳ୍ପକେ ପୁରସ୍କାର ପାଇବାରୁ ବଞ୍ଚିତ ହୋଇଛନ୍ତି। ନୋବେଲ ପୁରସ୍କାର ୱେବସାଇଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଶାସକ ଦଳର ବର୍ଦ୍ଧିତ ଚାପ ବିରୁଦ୍ଧରେ ମାରିଆ କୋରିନା ମାଚ୍ଚାଡୋ ଭେନେଜୁଏଲାରେ ଗଣତନ୍ତ୍ର ପାଇଁ ସଂଘର୍ଷର ନେତୃତ୍ୱ ନେଇଛନ୍ତି। ୧୯୯୨ରେ, ସେ କାରାକାସରେ ବାସହୀନ ପିଲାମାନଙ୍କ କଲ୍ୟାଣ ପାଇଁ କାମ କରୁଥିବା ଆଟେନିଆ ଫାଉଣ୍ଡେସନ ପ୍ରତିଷ୍ଠା କରିଥିଲେ। ମାରିଆ କୋରିନା ଜଣେ ଭେନେଜୁଏଲାର ଇଞ୍ଜିନିୟର, ସାମାଜିକ କର୍ମୀ ଏବଂ ବିଶିଷ୍ଟ ରାଜନେତା। ସେ ଇଞ୍ଜିନିୟରିଂ ଏବଂ ଫାଇନାନ୍ସ ପାଠପଢ଼ା କରିଥିଲେ ଏବଂ ବ୍ୟବସାୟରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ, କିନ୍ତୁ ଶୀଘ୍ର ତାଙ୍କ ଦେଶର ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ସମାଜ ସେବା ଏବଂ ରାଜନୀତିକୁ ବାଛିଥିଲେ।



## ଅସନ୍ତୋଷ ପ୍ରକାଶ କଲା ହ୍ୱାଇଟ ହାଉସ

ୱାଶିଂଟନ,୧୦।୧୦(ମହାଭାରତ): ନୋବେଲ ଶାନ୍ତି ପୁରସ୍କାର ୨୦୨୫ ଭେନେଜୁଏଲାର ମୁଖ୍ୟ ବିରୋଧୀ ନେତ୍ରୀ ମାରିଆ କୋରିନା ମାଚ୍ଚାଡୋଙ୍କୁ ପ୍ରଦାନ କରାଯାଇଛି, ଯାହାକୁ ନେଇ ହ୍ୱାଇଟ ହାଉସ ନୋବେଲ କମିଟିଙ୍କୁ ତୀବ୍ର ସମାଲୋଚନା କରିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଯିଏ ଆଠଟି ଯୁଦ୍ଧର ଅନ୍ତ ଘଟାଇଥିବା ଦାବି କରି ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଆଗ୍ରହୀ ଥିଲେ, ତାଙ୍କୁ ଏହି ପୁରସ୍କାରରୁ ବଞ୍ଚିତ କରାଯାଇଛି। ହ୍ୱାଇଟ ହାଉସ ଅଭିଯୋଗ କରିଛି ଯେ ନୋବେଲ କମିଟି ଶାନ୍ତି ଅପେକ୍ଷା ରାଜନୀତିକୁ ପ୍ରାଧାନ୍ୟ ଦେଇ ମାଚ୍ଚାଡୋଙ୍କୁ ଏହି ପ୍ରତିଷ୍ଠିତ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ନିଷ୍ପତ୍ତି ଟ୍ରମ୍ପଙ୍କ ପାଇଁ ନିରାଶାଜନକ ହୋଇଥିବା ବେଳେ ଏହା ଆମେରିକାର ରାଜନୈତିକ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

# ସ୍ୱଚ୍ଛ ଉର୍ଜା ଉତ୍ପାଦନ ଲକ୍ଷ୍ୟରେ ଧର୍ମେନ୍ଦ୍ର ପ୍ରଧାନ


ନୂଆଦିଲ୍ଲୀ/ଭୁବନେଶ୍ୱର,୯।୧୦(ମହାଭାରତ): ସମ୍ବଲପୁରରେ ଅଏଲ ଇଣ୍ଡିଆ ସହଯୋଗରେ ନିର୍ମାଣ ହେବାକୁ ଥିବା କମ୍ପ୍ରେସଡ୍ ବାୟୋ-ଗ୍ୟାସ୍ (ସିବିଜି) ପ୍ଲାଣ୍ଟ୍ ପ୍ରକଳ୍ପର ଅଗ୍ରଗତି ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଟେଲିଫୋନ ଯୋଗେ ଅଏଲ ଇଣ୍ଡିଆ ଲିମିଟେଡର ସିଏମଡି, ସମ୍ବଲପୁର ଜିଲ୍ଲାପାଳ ଏବଂ ସମ୍ବଲପୁର ମହାନଗର ନିଗମର କମିଶନରଙ୍କ ସହ ନୂଆଦିଲ୍ଲୀରୁ ଟେଲିଫୋନ ଯୋଗେ ଆଲୋଚନା କରିଛନ୍ତି। ସମ୍ବଲପୁର ସହରର ବର୍ଜ୍ୟବସ୍ତୁ ପରିଚାଳନାକୁ ସୁଦୃଢ଼ କରିବା ଏବଂ ସ୍ୱଚ୍ଛ ଉର୍ଜା ଉତ୍ପାଦନ ଲକ୍ଷ୍ୟରେ



ସହଯୋଗରେ ଏହି ପ୍ଲାଣ୍ଟ ସ୍ଥାପନା ହେବ। ଏହି ପ୍ଲାଣ୍ଟ୍ ଦୈନିକ ୨୦୦ ଟନ୍ ଜୈବିକ ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରି ପ୍ରାୟ ୯ ଟନ୍ କମ୍ପ୍ରେସଡ୍ ବାୟୋ-ଗ୍ୟାସ୍ ଉତ୍ପାଦନ କରିବ। ଏହା ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବର୍ଜ୍ୟବସ୍ତୁରୁ ସମ୍ପଦ' ଆହ୍ୱାନର ଏକ ସଫଳ ରୂପାୟନ। ଏହି ପଦକ୍ଷେପ କେବଳ ପରିବେଶକୁ ସ୍ୱଚ୍ଛ ରଖିବ ନାହିଁ ବରଂ ଓଡ଼ିଶା ସମେତ ଦେଶର ଉର୍ଜା ଆବଶ୍ୟକତାକୁ ପୂରଣ କରିବ ଏବଂ ସ୍ଥାନୀୟ ଅର୍ଥନୀତିକୁ ମଜଭୂତ କରିବା ସହ ନୂଆ ରୋଜଗାର ସୃଷ୍ଟି ହେବ। ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଉପରେ ଆଲୋଚନାରେ ଗୁରୁତ୍ୱ ଦିଆଯାଇଛି।

## ଶ୍ରୀମନ୍ଦିରରୁ ଉଡନ୍ତା ଡ୍ରୋନ ଜବତ

ପୁରୀ, ୧୦।୧୦(ମହାଭାରତ): ଆଜି ସନ୍ଧ୍ୟା ପ୍ରାୟ ୭ଟା ୪୫ ମିନିଟ୍ ସମୟରେ ଶ୍ରୀମନ୍ଦିର ଉପରେ ଏବଂ ଶ୍ରୀମନ୍ଦିର ପରୀକ୍ରମା ପରିସର ଏକ ଡ୍ରୋନ ଉଡୁଥିବା ଦେଖିବାକୁ ମିଳିଥିଲା। ଏହା ଏସପି ପୁରୀ ଶ୍ରୀ ପ୍ରତୀକ ସିଂହଙ୍କ ନଜରକୁ ଆସିବା ପରେ ସଙ୍ଗେ ସଙ୍ଗେ ପଦକ୍ଷେପ ନେଇ ସିଂହଦ୍ୱାର ଥାନା ଓ ପୁରୀ ପୋଲିସର ଏକ ବିଶେଷ ଟିମ୍‌କୁ ତତକ୍ଷଣାତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ



ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଦ୍ରୁତ ତଦନ୍ତ କାର୍ଯ୍ୟ କରି ସିଂହଦ୍ୱାର ଥାନା ପୋଲିସ ଏବଂ ପୁରୀ ପୋଲିସ ଟିମ୍ ଡ୍ରୋନଟିକୁ ଗୋଡେଇ ଶନି ମନ୍ଦିର ଗଳିରେ ଜବତ କରିଥିଲେ। ଡ୍ରୋନ ଉଡାଉଥିବା ବ୍ୟକ୍ତି ଦୁର୍ଗା ପ୍ରସାଦ ଯାଦବ, ଛତିଶଗଡ଼ ର ଥିବା ଜଣେ ଯୁବକଙ୍କୁ ସିଂହଦ୍ୱାର ପୋଲିସ ଅଟକ କରିଛି। ଶ୍ରୀମନ୍ଦିର ଓ ଏହାର ପରିସରରେ ଯେକୌଣସି ପ୍ରକାର ଡ୍ରୋନ ଉଡାଇବା ନିଷେଧ ଥିବା ସତ୍ତ୍ୱେ ଏହି ଅବୈଧ କାର୍ଯ୍ୟ କରାଯାଇଥିଲା ବୋଲି ପ୍ରାଥମିକ ତଦନ୍ତରେ ଜଣାପଡିଛି ଅଭିଯୁକ୍ତଙ୍କ ବିରୁଦ୍ଧରେ ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଦୁର୍ଗମ ଅଞ୍ଚଳରେ ସଡ଼କ ପାଇଁ ଜନସାଧାରଣଙ୍କ ଭରସା ପିଏମ ଜନମନ୍

ଭୁବନେଶ୍ୱର,୧୦।୧୦(ପିଆଇବି): ଓଡ଼ିଶା ସରକାର ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଅଧୀନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଗ୍ରାମୀଣ ସଡ଼କ ପ୍ରକଳ୍ପର ନିର୍ମାଣ ସଫଳତାର ସହିତ ଶେଷ କରିଛନ୍ତି। ରାଜ୍ୟର ଦୂରଦୂରାନ୍ତ ଆଦିବାସୀ ଅଞ୍ଚଳରେ ଏହି ପ୍ରକଳ୍ପ ଆଖିଦୃଶିଆ ପରିବର୍ତ୍ତନ ଆଣିପାରିଛି। ରାୟଗଡା ଜିଲ୍ଲାର ତେଲଗୁଡୁଠାରୁ ତାରବେଲ ଗ୍ରାମ୍ୟ ଉନ୍ନୟନ ରାସ୍ତା ଏବଂ ଦେବଗଡ଼ ଜିଲ୍ଲାର ପୂର୍ତ୍ତ ରାସ୍ତାଠାରୁ ସିଆରହୁଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଯୋଗୁଁ ପ୍ରଥମ ଥର ପାଇଁ ସ୍ଥାନୀୟ ଲୋକଙ୍କୁ ନିରାପଦ ଏବଂ ସବୁଦିନିଆ ଯୋଗାଯୋଗର ସୁବିଧା ମିଳିଛି ଏବଂ ସେମାନଙ୍କ ଜୀବନଯାପନରେ ଉନ୍ନତି ଦେଖାଦେଇଛି।

ରାୟଗଡା ଜିଲ୍ଲାରେ, ୩୦ ମଇ ୨୦୨୫ ରେ ସମାପ୍ତ ହୋଇଥିବା ତେଲଗୁଡୁ ରାସ୍ତା ପ୍ରକଳ୍ପ ଯୋଗୁଁ ତେଲଗୁଡୁ ଗ୍ରାମଠାରୁ ୨.୫ କିଲୋମିଟର ଦୂର ତାରବେଲର ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଯୋଗାଯୋଗ ସହଜ ହୋଇଛି। ପୂର୍ବରୁ, ଗ୍ରାମକୁ ଯିବା ପାଇଁ ଏକମାତ୍ର ରାସ୍ତା କାଦୁଅ ଏବଂ ବିପଦପୂର୍ଣ୍ଣ ଥିବାରୁ ବର୍ଷା ଋତୁରେ ଗ୍ରାମବାସୀମାନେ ନିକଟବର୍ତ୍ତୀ ପ୍ରମୁଖ ସହରରୁ ବିଚ୍ଛିନ୍ନ ରହୁଥିଲେ। ପିଲାମାନେ ସ୍କୁଲ ଯିବାରୁ ବଞ୍ଚିତ ହେଉଥିଲେ, ଚାଷୀମାନେ ଉଚିତ ସମୟରେ ସେମାନଙ୍କର ଫସଲ ବିକ୍ରି କରିପାରୁ ନଥିଲେ ଏବଂ ଯୋଗାଯୋଗ ଅଭାବରୁ ଜରୁରୀକାଳୀନ ଚିକିତ୍ସା ମଧ୍ୟ ମିଳିପାରୁନଥିଲା। ଆଜି ପରିସ୍ଥିତି ସମ୍ପୂର୍ଣ୍ଣ ଭାବରେ ବଦଳି ଯାଇଛି। ଏହି ନୂତନ ରାସ୍ତା ଯୋଗୁଁ ବର୍ଷସାରା ଗ୍ରାମକୁ ଯାନବାହାନ ପହଞ୍ଚିପାରିବ। ସ୍କୁଲରେ ପିଲାଙ୍କ ଉପସ୍ଥାନରେ ଉନ୍ନତି ଆସିପାରିବ, ଗର୍ଭବତୀ ମହିଳାମାନଙ୍କୁ ଏବେ ସୁରକ୍ଷିତ ଭାବରେ ଡାକ୍ତରଖାନାକୁ ନେଇହେବ, ଏବଂ ଗ୍ରାମବାସୀମାନେ ନିକଟସ୍ଥ ବଜାର ଏବଂ ସରକାରୀ କାର୍ଯ୍ୟାଳୟକୁ ସହଜରେ ଯାତ୍ରା କରିପାରିବେ। ଚାଷୀମାନେ ଏବେ ପନିପରିବା, ଧାନ ଏବଂ ଜଙ୍ଗଲଜାତ ଦ୍ରବ୍ୟକୁ ଗୁଣୁପୁର ମଣ୍ଡିକୁ ନେଇପାରିବେ। ଏହା ଦ୍ୱାରା ସେମାନଙ୍କର ଆୟରେ ନିଶ୍ଚିତ ଭାବେ ବୃଦ୍ଧି ଘଟିବ।

ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ବାସିନ୍ଦାଙ୍କୁ ଶ୍ରମିକ ଭାବରେ ମଧ୍ୟ ସାମିଲ କରାଯାଇଥିଲା। ଏହା ଦ୍ୱାରା ସେମାନେ ମଜୁରୀଭିତ୍ତିକ ଆୟରେ ସମର୍ଥ ହୋଇଥିଲେ ଏବଂ ଏହା ଗୋଷ୍ଠୀସଂପୃକ୍ତିକୁ ସୁଦୃଢ଼ କରିଥିଲା। ପ୍ରକଳ୍ପ ଅଧିନରେ ରାସ୍ତାକୁ ଦୀର୍ଘସ୍ଥାୟୀ ଏବଂ ସୁରକ୍ଷିତ ରଖିବା ପାଇଁ ବୃକ୍ଷରୋପଣ ଏବଂ ଉପଯୁକ୍ତ ଜଳ ନିଷ୍କାସନ ଭଳି ପରିବେଶ ଅନୁକୂଳ ପଦ୍ଧତି ଗ୍ରହଣ କରାଯାଇଥିଲା। ଗ୍ରାମବାସୀମାନେ ଏହି ପ୍ରକଳ୍ପରେ ଗଭୀର ସନ୍ତୋଷ ପ୍ରକାଶ କରି ଏହି ରାସ୍ତା ସେମାନଙ୍କ ପିଲାମାନଙ୍କ ପାଇଁ ଏକ ଉନ୍ନତ ଭବିଷ୍ୟତର ଦ୍ୱାର ଖୋଲିଛି ବୋଲି ପ୍ରକାଶ କରିଛନ୍ତି।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଅଧୀନରେ ଦେବଗଡ଼ ଜିଲ୍ଲାର ବାରକୋଟ ବ୍ଲକ ଅନ୍ତର୍ଗତ ସିଆରିହୁଲିର ଦୂରବର୍ତୀ ବସତିକୁ ସବୁଦିନିଆ ଯୋଗାଯୋଗ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପିଡକୁଡ଼ି ରାସ୍ତାଠାରୁ ସିଆରିହୁଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା। ୧୪୧.୬୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୨.୧୯୮ କିଲୋମିଟର ଦୀର୍ଘ ରାସ୍ତା, ମୁଖ୍ୟତଃ ଚଠଞଏ (ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ) ପରିବାର ବାସ କରୁଥିବା ଏହି ଆଦିବାସୀ ଗ୍ରାମକୁ ବର୍ଷସାରା ଯୋଗାଯୋଗ ସୁବିଧା ଯୋଗାଇ ଦେଇଛି। ଏହି ରାସ୍ତା ଜନଜାତି ସମ୍ପ୍ରଦାୟ ପାଇଁ ଏକ ଜୀବନରେଖା ପାଲଟିଛି। ଏହା ଦ୍ୱାରା ସ୍କୁଲ, ଅଙ୍ଗନବାଡି କେନ୍ଦ୍ର ଏବଂ ସ୍ୱାସ୍ଥ୍ୟସେବା ସୁବିଧା ସୁନିଶ୍ଚିତ ହୋଇପାରିଛି। ଗ୍ରାମବାସୀମାନେ ଏବେ ସରକାରୀ କଲ୍ୟାଣକାରୀ ଯୋଜନାଗୁଡ଼ିକର ଲାଭ ପାଇବା ସହ ଆତ୍ମନିର୍ଭରଶୀଳ ହୋଇପାରୁଛନ୍ତି। ଉନ୍ନତ ଯୋଗାଯୋଗ ସୁବିଧା ଯୋଗୁଁ ବ୍ୟବସାୟୀ ଏବଂ ସେବା ପ୍ରଦାନକାରୀମାନେ ଏବେ ଗାଁରେ ପହଞ୍ଚି ପାରୁଛନ୍ତି, ଯାହା ସ୍ଥାନୀୟ ଯୁବକମାନଙ୍କ ପାଇଁ ନୂତନ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରୁଛି। ଏହି ପ୍ରକଳ୍ପଗୁଡ଼ିକର ସଫଳତା ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱକୁ ପ୍ରତିଫଳିତ କରୁଛି। ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଅଞ୍ଚଳର ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରୁଛି ଏବଂ ତୃଣମୂଳସ୍ତରେ ଥିବା ଲୋକଙ୍କର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ସମ୍ଭବ ହୋଇପାରିଛି। ଏହି କାର୍ଯ୍ୟକ୍ରମ ଆଦିବାସୀ ସମ୍ପ୍ରଦାୟର ଜୀବନରେ ଏକ ଉଲ୍ଲେଖନୀୟ ଉନ୍ନତି ଆଣିଛି। ଗ୍ରାମ ଉନ୍ନୟନ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକଙ୍କ ନିରନ୍ତର ମାର୍ଗଦର୍ଶନ ଏବଂ କ୍ଷେତ୍ରସ୍ତରୀୟ ତଦାରଖ, ସମନ୍ୱୟ ଓ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଯୋଗୁଁ ଏହି ପ୍ରକଳ୍ପଗୁଡ଼ିକ ସମୟସୀମା ମଧ୍ୟରେ ଶେଷ ହୋଇପାରିଛି।

ତେଲଗୁଡୁ ଏବଂ ସିଆରିହୁଲିରେ ନବନିର୍ମିତ ରାସ୍ତାଗୁଡ଼ିକ ତୃଣମୂଳସ୍ତରରେ ଥିବା ଲୋକ ପାଖରେ ଅନ୍ତର୍ଭୁକ୍ତିମୂଳକ ବିକାଶ ପହଂଚାଇବା ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାର ଉଦାହରଣ ଭାବରେ ଉଭା ହୋଇଛି। ସଶକ୍ତିକରଣ ଏବଂ ସମୃଦ୍ଧି ଦିଗରେ ସଂଯୋଗୀକରଣ ପ୍ରଥମ ଭିତ୍ତିଭୂମି ବୋଲି ଏହି ପ୍ରକଳ୍ପ ଦୁଇଟି ପ୍ରମାଣିତ କରିଛି ଏବଂ ଲୋକଙ୍କ ଦୀର୍ଘକାଳୀନ ସ୍ୱପ୍ନ ବାସ୍ତବରେ ରୂପାନ୍ତରିତ ହୋଇଛି।

## ୫୦ ଜଣଙ୍କୁ ଜେରା

ଭୁବନେଶ୍ୱର,୧୦।୧୦(ମହାଭାରତ): ବହୁଚର୍ଚ୍ଚିତ ବ୍ରହ୍ମପୁର ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ସଂପର୍କରେ ପୋଲିସ ସୁରାକ ପାଇଛି ଏବଂ ଖୁବଶୀଘ୍ର ଏ ସଂପର୍କରେ ଖୁଲାସା କରାଯିବ ଏବଂ ହତ୍ୟାକାରୀଙ୍କୁ ଧରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଇତିମଧ୍ୟରେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସସାରିଛି। ଏଫ୍‌ଏମ୍‌ଟି ବିଭାଗ ତଦନ୍ତକାରୀ ଅଧିକାରୀଙ୍କୁ ରିପୋର୍ଟ ଦାଖଲ କରିଛି। ରିପୋର୍ଟରୁ ଜଣାପଡ଼ିଛି ଯେ, ପୀତବାସଙ୍କୁ ୨ରୁ ଅଢେଇ ମିଟର ରେଞ୍ଜରୁ ଗୁଳିମାଡ଼ କରାଯାଇଥିଲା। ଗୁଳିମାଡ଼ ପରେ ଘଟଣାସ୍ଥଳରେ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଛାତିଆ ଓ ଆଭ୍ୟନ୍ତରୀଣ ଆଘାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିଲା। ଶରୀରରୁ ପ୍ରାୟ ୪ଲିଟର ରକ୍ତ ନିର୍ଗତ ହୋଇଥିବା ଫଳରେ ଗୁରୁତ୍ୱପୂର୍ଣ୍ଣ ଟିସ୍ୟୁ ନଷ୍ଟ ହୋଇଥିଲା। ଏହି ତଦନ୍ତ ସମୟରେ ସମସ୍ତ ସିଁସିଟିଭି ଯାଞ୍ଚ କରିବା ସହ ପୀତବାସଙ୍କୁ ପିଛା କରୁଥିବା ଏକ ଦୀମା କାରକୁ ମଧ୍ୟ ଠାବ କରିଛନ୍ତି। କାର ମାଲିକ ଓ ଚାଳକଙ୍କୁ ପୋଲିସ ପଚରାଉଚରା କରିଛି। ଏଥିସହିତ ମୋଟ ପ୍ରାୟ ୫୦ ଜଣଙ୍କୁ ପୋଲିସ ଜେରା କରିଛି। ସେଥିମଧ୍ୟରୁ ୫/୬ଜଣଙ୍କ ଉପରେ ଏବଂ ତାଙ୍କୁ ପିଛା କରୁଥିବା କାର୍ ଉପରେପୋଲିସ ସନ୍ଦେହ କେନ୍ଦ୍ରୀଭୂତ ହୋଇଛି। ତଦନ୍ତ ବାଧାପ୍ରାପ୍ତ ହେବ ବୋଲି ପୋଲିସ ସମସ୍ତ କଥା କହିବାକୁ ମନା କରିଥିଲେ।

## ଛେନା ଝିଲି



ଆବଶ୍ୟକ ସାମଗ୍ରୀ: ସୁଜି, ମଇଦା, ଚିନି, ଅଳେଇଚ ଗୁଣ୍ଡ ଓ ଖାଇବା ସୋଢ଼ା, ୫୦୦ ଗ୍ରାମ ଛେନା, ତେଲ।

ପ୍ରସ୍ତୁତି ପ୍ରଣାଳୀ: ଛେନା ଝିଲି ତିଆରି କରିବା ପୂର୍ବରୁ ଚିନିରେ ଶିରା ପ୍ରସ୍ତୁତ କରନ୍ତୁ। ତା'ପରେ ଛେନାକୁ ଏକ ପାତ୍ରରେ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଚକଟନ୍ତୁ। ପରେ ସେଥିରେ ତିନି ଚାମଚ ସୁଜି, ଦୁଇ ଚାମଚ ମଇଦା, ଗୋଟିଏ ଚାମଚ ଚିନି, ଅଳ୍ପ ଅଳେଇଚ ଗୁଣ୍ଡ ଓ ଖାଇବା ସୋ। ପକାଇ ଭଲ ଭାବରେ ଚକଟି ଦିଅନ୍ତ। ଏହାପରେ ତାକୁ କିଛି ସମୟ ଘୋଡ଼ାଇ ରଖି ଦିଅନ୍ତୁ। ତା'ପରେ ଚକଟା ଛେନାକୁ ଛେନା ଝିଲିର ସେପ ଦେଇ ଗନ୍ତୁ। ଏବେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗି ରଖିଥିବା ଛେନା ଝିଲିକୁ ଅଳ୍ପ ଆଞ୍ଚରେ ଛାଣନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଛାଣି ଶିରାରେ କିଛି ସମୟ ପର୍ଯ୍ୟନ୍ତ ପକାଇ ରଖନ୍ତୁ। ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ଝିଲି। ଛେନା ଝିଲିକୁ ରୁଟି ଓ ପରଟା ସହିତ ଖାଇପାରିବେ।

## ଖବର

# କରୱା ଚୌଥ ପାଇଁ ହାତରେ ମେହେନ୍ଦି ଲଗାଇଲେ ଦେଶୀଗାଲ






ଗ୍ଲୋବାଲ ଷ୍ଟାର ପ୍ରିୟଙ୍କା ଚୋପ୍ରାଙ୍କୁ କିଏ ନ ଜାଣେ । ତାଙ୍କ ଚମତ୍କାର ଅଭିନୟ ମାଧ୍ୟମରେ ସେ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଛନ୍ତି । କିଛି ବର୍ଷ ହେଲା ସେ ବିଦେଶରେ ରହୁଛନ୍ତି ସତ କିନ୍ତୁ ଭାରତୀୟ ପରମ୍ପରାକୁ ସେ ଭୂଲି ନାହାନ୍ତି । ଦୀପାବଳୀ ଠାରୁ ହୋଲି ପର୍ଯ୍ୟନ୍ତ ସୀମିତ ନହେଇ କରୱା ଚୌଥ ମଧ୍ୟ ଖୁବ ଆଡମ୍ବରରେ ପାଳନ କରନ୍ତି ପ୍ରିୟଙ୍କା । ନୀତି ଓ ନୀୟମ ସହ ସେ ଜଡିତ ଅଛନ୍ତି । ସେ ପ୍ରତିବର୍ଷ କରୱା ଚୌଥକୁ ଖୁବ୍ ଧୂମଧାମ ସହ ପାଳନ କରନ୍ତି ।ସବୁବର୍ଷ ପରି ଏଥର ମଧ୍ୟ ନିଜ ସ୍ୱାମୀ ନିକ୍ ଜୋନସ୍ ଙ୍କ ପାଇଁ ବ୍ରତ ରଖିବେ । ତେବେ ଦେଶୀଗର୍ଲ ସ୍ୱାମୀଙ୍କ ସହ କରୱା ଚୌଥ କୁ ଆରମ୍ଭ କରିଦେଇଛନ୍ତି । ସେ ସୋସିଆଲ୍ ମିଡିଆରେ ନିଜର ଝଲକ ଦେଖାଇଛନ୍ତି । ପ୍ରିୟଙ୍କା ଚୌପ୍ରା କରୱା ଚୌଥ ପୂର୍ବରୁ ଗୋଟିଏ ଦିନ ପୂର୍ବରୁ ନିଜ ସ୍ୱାମୀଙ୍କ ନାମ ହାତରେ ମେହେନ୍ଦି କରିଛନ୍ତି । ତେବେ ପ୍ରିୟଙ୍କା ନିଜ ଇନଷ୍ଟାଗ୍ରାମରେ ଷ୍ଟୋରିରେ ନିଜ ମେହେନ୍ଦୀର ଭିଡିଓ ଓ ଫଟୋ ସେୟାର କରିଥିଲେ ।ପ୍ରିୟଙ୍କା ଚୋପ୍ରା ଏବଂ ନିକ୍ ଜୋନସ ୨୦୧୮ରେ ରାଜସ୍ଥାନରେ ଧୂମଧାମରେ ବିବାହ କରିଥିଲେ । ବିବାହ ପରେ ପରେ ସେ ସ୍ୱାମୀଙ୍କ ସହ ସଲ ଏଞ୍ଜେଲସ ରେ ରହିଛନ୍ତି । ସେଠାରେ ପ୍ରିୟଙ୍କ । ଦିୱାଲି,କରୱାଚୌଥ,କରିବା ସହ ସବୁ ପର୍ବ ପର୍ବାଣୀ ପାଳନ କରୁଛନ୍ତି । ଦୁହିଁଙ୍କର ଏକ ଝିଅଟିଏ ଅଛି । ମାଲତୀ ମେରି ଚୋପ୍ରା ଜୋନସ ।ପ୍ରିୟଙ୍କା ଚୋପ୍ରା ବଲିଉଡ ଓ ହଲିଉଡ୍ରେ ବିଭିନ୍ନ ସଫଳ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ବହୁତ ବର୍ଷ ପରେ ସେ ଭାରତୀୟ ଫିଲ୍ମକୁ ଫେରିଛନ୍ତି । ସେ ଏସ ଏସ ରାଜ ମୌଳିଙ୍କ ଏକ ଫିଲ୍ମ ରେ ଅଭିନୟ କରୁଛନ୍ତି । ଫିଲ୍ମରେ ସେ ମହେଶ ବାବୁଙ୍କ ସହ ଫିଲ୍ମ ସେୟାର କରିଛନ୍ତି ।

## ଦୀପ ଓ କର୍ପୂର ଆଳତି

ପ୍ରାଚୀନ କାଳରୁ ଆମ ଦେଶରେ ଅନେକ ପରମ୍ପରା ରହିଆସିଛି। ଯାହାକୁ ଏବେ ବି ପାଳନ କରାଯାଏ। ଯେପରି ଦେଶୀ ଘିଅରେ ଦୀପ ଜାଳିବା ଏବଂ କର୍ପୂରରେ ଦେବାଦେବୀଙ୍କୁ ଆଳତି କରିବା ପ୍ରଥା ପ୍ରଚଳନ ହୋଇଆସୁଛି। ଧାର୍ମିକ ମାନ୍ୟତା ଅନୁସାରେ ଆରତୀ କଲେ ଦେବାଦେବୀ ପ୍ରସନ୍ନ ହୋଇ ବରଦାନ ଦେଇଥାନ୍ତି। ସାଧକର ମନୋକାମନା ପୂର୍ଣ୍ଣ ହୋଇଥାଏ। ଏଥିସହ ଦେବଦୋଷ ଏବଂ ପିତୃଦୋଷ ଲାଘବ ହୁଏ। ତେଣୁ କର୍ପୂର ଆରତୀ ଶୁଭ। ସେହିପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ କର୍ପୂର ଜାଳିବା ଭଲ। ଏହା ଦ୍ୱାରା ବାତାବରଣରେ ଶୁଦ୍ଧତା ଆସିଥାଏ। ଅନେକ ଜୀବାଣୁ-କୀଟାଣୁ ନଷ୍ଟ ହୋଇଯାଇଥାନ୍ତି। ଶରୀର ଉପରେ ରୋଗର ଆକ୍ରମଣ ସହଜରେ



ହୋଇପାରିନଥାଏ। ଏହିପରି ଅନେକ କିଛି। ତେଣୁ କର୍ପୁରରେ ଆରତୀ କରିବା ଅନେକ ଶୁଭଫଳ ଦେଇଥାଏ।


# ସାମାଜିକ ଜୀବନରେ ସ୍ୱଚ୍ଛତା

ସାଧାରଣତଃ ଆମେ ଚାରିପ୍ରକାରର ଜୀବନ ବଞ୍ଚିଥାଉ। ସାମାଜିକ ଜୀବନ, ପେସାଦାର ଜୀବନ, ପାରିବାରିକ ଜୀବନ ଏବଂ ବ୍ୟକ୍ତିଗତ ଜୀବନ। ସାମାଜିକ ଜୀବନ ପାରଦର୍ଶିତା, ପେସାଦାର ଜୀବନ ପରିଶ୍ରମ, ପାରିବାରିକ ଜୀବନ ପ୍ରେମ ଏବଂ ବ୍ୟକ୍ତିଗତ ଜୀବନ ପବିତ୍ରତା ଉପରେ ଆଧାରିତ। ଜୀବନର ଏହି ୪ଟି ଭାଗ ଶ୍ରୀମଦ୍ ଭାଗବତରେ ପରିଲକ୍ଷିତ ହୋଇଥାଏ। ସାମାଜିକ ଜୀବନରେ ପାରଦର୍ଶିତା ବା ସ୍ୱଚ୍ଛତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମହାଭାରତରେ ଯେତେଜଣ ଚରିତ୍ରଙ୍କ ବିଷୟରେ ବର୍ଣ୍ଣନା



କରାଯାଇଛି, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ସାମାଜିକ ଜୀବନରୁ ସ୍ୱଚ୍ଛତା ଦୂର ହୋଇଯାଇଥିଲା। ଦୁର୍ଯ୍ୟୋଧନ କାହିଁକି ଦୁର୍ଯ୍ୟୋଧନ(କୁଟୀଳ) ହୋଇଥିଲା, ସେ ସମ୍ପର୍କରେ ଭାଗବତରେ ବର୍ଣ୍ଣନା କରାଯାଇଛି । ଏହାର କାରଣ ହେଉଛି ଜନ୍ମ ନେବା ପରେ ଦୁର୍ଯ୍ୟୋଧନକୁ ତା'ର କୌଣସି ପ୍ରଶ୍ନର ସଠିକ୍ ଉତ୍ତର ମିଳିନଥିଲା। ବଡ଼ ହେବା ପରେ ଦୁର୍ଯ୍ୟୋଧନ ପ୍ରଥମେ ପଚାରିଲା, ମୋ ମା' ଅନ୍ଧ କାହିଁକି ହୋଇଛି ? ରାଜମହଲରେ ତା'କୁ କେହି ଉତ୍ତର ଦେଲେ ନାହିଁ । କାରଣ ସମସ୍ତେ ଜାଣିଥିଲେ ଯେ ଗାନ୍ଧାରୀ ନିଜ ଶ୍ୱଶୁର ଭୀଷ୍ମଙ୍କ କାରଣରୁ ପଟି ବାନ୍ଧିଛନ୍ତି । ଭୀଷ୍ମ ଚାପ ପ୍ରୟୋଗ କରି ଗାନ୍ଧାରୀଙ୍କ ବିବାହ ଧୃତରାଷ୍ଟ୍ରଙ୍କ ସହ କରାଇଥିଲେ। ଭୀଷ୍ମ ଭାବିଥିଲେ ଯେ ଅନ୍ଧ ଧୃତରାଷ୍ଟ୍ରଙ୍କୁ ଯଦି ଜଣେ ଯୋଗ୍ୟ ଯୁବତୀଙ୍କ ସହ ବାହାଘର କରିଦିଆଯାଏ, ତେବେ ହସ୍ତିନାପୁରର ରାଜ ସିଂହାସନ ଭଲରେ ଚାଲିବ । ମାତ୍ର ପତି ଅନ୍ଧ ବୋଲି ଜାଣିବା କ୍ଷଣି ଗାନ୍ଧାରୀ ଆଜୀବନ ସ୍ୱେଚ୍ଛାରେ ଅନ୍ଧତ୍ୱ ସ୍ୱୀକାର କରିନେଇଥିଲେ। କିନ୍ତୁ ଦୁର୍ଯ୍ୟୋଧନ ଭାବିଲା- ମୋ ମା' ପ୍ରତି ଅନ୍ୟାୟ ହୋଇଥିବାରୁ ସେ ଆଖିରେ ପଟି ବାନ୍ଧିବା ଲାଗି କାର୍ଯ୍ୟ କଲେ। ତେଣୁ ସାମାଜିକ ଜୀବନରେ ପାରଦର୍ଶିତା ଜରୁରି । ଭୀଷ୍ମଙ୍କ ଭାବନା ବିଷୟରେ ଅବଗତ ହୋଇଥିଲେ, ଦୁର୍ଯ୍ୟୋଧନ ମନରେ ଏତେମାତ୍ରାରେ ଘୃଣା ଉତ୍ପନ୍ନ ହୋଇନଥାଏ।

# ଅତିଥି ନିଜ ସୀମା ଭିତରେ ରହିବା ଉଚିତ୍



ପାଣ୍ଡବ ଏବଂ କୌରବଙ୍କ ଗୁରୁ ଦ୍ରୋଣାଚାର୍ଯ୍ୟ ଏବଂ କୃପୀଙ୍କ ପୁତ୍ର ଥିଲେ ଅଶ୍ୱତ୍ଥାମା । ମହାଭାରତ ଯୁଦ୍ଧ ପୂର୍ବରୁ ଦ୍ରୋଣାଚାର୍ଯ୍ୟ ଅନେକ ସ୍ଥାନ ଭ୍ରମଣ କରୁଥିଲେ । ଥରେ ସେ ହିମାଳୟରେ ପହଞ୍ଚିଲେ । ସେଠାରେ ତମସା ନଦୀ ତଟରେ ଥିବା ଏକ ଦିବ୍ୟ ଗୁମ୍ଫାରେ ସେ ତପସ୍ୟା କଲେ। ଭଗବାନ ଶିବ ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ପ୍ରକଟ ହେଲେ । ଗୁରୁ ଦ୍ରୋଣାଚାର୍ଯ୍ୟ ଭଗବାନ ଶିବଙ୍କୁ ପୁତ୍ର ପ୍ରାପ୍ତି ନିମନ୍ତେ ବରଦାନ ମାଗିଲେ । ଶିବ ତଥାସ୍ତୁ! କହି ଅନ୍ତର୍ଦ୍ଧାନ ହୋଇଗଲେ । ଏହାର କିଛିଦିନ ପରେ ଦ୍ରୋଣାଚାର୍ଯ୍ୟଙ୍କ ପତ୍ନୀ କୃପୀ ଏକ ଅତ୍ୟନ୍ତ ତେଜସ୍ୱୀ ପୁତ୍ରକୁ ଜନ୍ମ ଦେଲେ । ଅଶ୍ୱତ୍ଥାମାର ମସ୍ତକରେ ଏକ ଅମୂଲ୍ୟ ମଣି ଥିଲା । ଶକ୍ତିଶାଳୀ ଦୈତ୍ୟ, ଦାନବ, ଶସ୍ତ୍ର, ବ୍ୟାଧି, ଦେବତା, ନାଗର ମଣି ଭଳି ତାହା ଦେଖାଯାଉଥିଲା । ଅଶ୍ୱତ୍ଥାମା ଜନ୍ମ ସମୟରେ ତାଙ୍କ ମୁଖରୁ ଘୋଡ଼ା ଭଳି 'ହିଁ ହିଁ' ଶବ୍ଦ ବାହାରୁଥିଲା । ଏହି କାରଣରୁ ତାଙ୍କ ନାମ 'ଅଶ୍ୱତ୍ଥାମା' ରଖାଗଲା । ମହାଭାରତରେ ଉଲ୍ଲେଖ ରହିଛି ଯେ ଥରେ ଅଶ୍ୱତ୍ଥାମା ଦ୍ୱାରିକା ପହଞ୍ଚିଲା । ଶ୍ରୀକୃଷ୍ଣ ତାକୁ ସ୍ୱାଗତ ଜଣାଇଲେ । କିଛିଦିନ ରହିବା ପରେ ଥରେ ଶ୍ରୀକୃଷ୍ଣଙ୍କ ପାଖକୁ ଯାଇ ଅଶ୍ୱତ୍ଥାମା କହିଲା, ଆପଣ ମୋ ଠାରୁ ଅଜେୟ ବ୍ରହ୍ମାସ୍ତ୍ର ନେଇ ନିଜ ସୁଦର୍ଶନ ଚକ୍ର ମୋତେ ପ୍ରଦାନ କରନ୍ତୁ । ଏହାଶୁଣି ଶ୍ରୀକୃଷ୍ଣ କହିଲେ, ତୁମେ ମୋର ଯେକୌଣସି ଅସ୍ତ୍ର ନେଇପାର । ଏହାପରେ ଅଶ୍ୱତ୍ଥାମା ସୁଦର୍ଶନ ଚକ୍ର ଉଠାଇବା ଲାଗି ଚେଷ୍ଟା କଲା । ହେଲେ ପାରିଲା ନାହିଁ । ସେ ନିରାଶ ହୋଇ ଶ୍ରୀକୃଷ୍ଣଙ୍କୁ କହିଲା, ମୋର ସୁଦର୍ଶନ ଚକ୍ର ଦରକାର ନାହିଁ । ଏହାପରେ ଶ୍ରୀକୃଷ୍ଣ ତାଙ୍କୁ ବୁଝାଇ କହିଲେ, ଅତିଥି ନିଜ ସୀମା ଭିତରେ ରହିବା ଉଚିତ୍ । ସେ ଏମିତି କିଛି ବସ୍ତୁ ମାଗିବା ଉଚିତ୍ ନୁହେଁ, ଯାହାକୁ ସମ୍ଭାଳିବା ମଧ୍ୟ ତା'ପକ୍ଷେ କଷ୍ଟକର ହୋଇପଡ଼ିବ । ଏହାଶୁଣି ଅଶ୍ୱତ୍ଥାମା ଲଜ୍ଜିତ ହେଲା ଏବଂ କୌଣସି ଅସ୍ତ୍ର ନନେଇ ଦ୍ୱାରିକାରୁ ଫେରିଗଲା ।



## ଦେହ ପାଇଁ ଭଲ ଜାମୁକୋଳି ମଞ୍ଜି

ଜାମୁକୋଳି ପ୍ରାୟ ସମସ୍ତଙ୍କର ପସନ୍ଦ । ଏହା ଖାଇବାକୁ ଯେତିକି ଭଲ ଲାଗେ ଏଥିରେ ଭିଟାମିନ୍ ବି ବହୁ ମାତ୍ରାରେ ଭରି ରହିଛି । ରାସ୍ତା କଡରେ ପୁଳାପୁଳା ଜାମୁକୋଳି ବିକ୍ରି ହେଉଥିବା ଦେଖିବାକୁ ମିଳେ ଆଉ ସେସବୁକୁ ଲୋକେ ଲୋଭରେ ଘରେ ନେଇ ଲଙ୍କା ଲୁଣ ସହ କିଏ କିଏ ଖାଆନ୍ତି ତ କେହି କେହି ଖାଲି ଖାଆନ୍ତି । ଜାମୁକୋଳି ସମସ୍ତେ ଖାଇବାକୁ ଭଲପାଉଥିବା ବେଳେ କୋଳି ଖାଇ ସାରିବା ପରେ କିନ୍ତୁ ଆମେ ସମସ୍ତେ ଏହାର ମଞ୍ଜିକୁ ଫୋପାଡି ଦେଉ । କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯାହାକୁ ଅଲୋଡ଼ା ଭାବି ଆମେ ଫୋପାଡ଼ି ଦେଉ ସେହି ମଞ୍ଜିରେ ଥାଏ ଅନେକ ଔଷଧୀୟ ଗୁଣ । ତେବେ ଆସନ୍ତୁ ଜାଣିବା ଜାମୁକୋଳି ମଞ୍ଜିର ଫାଇଦା ବାବଦରେଛ

-ଜାମୁକୋଳି ପରି ଏହାର ମଞ୍ଜି ମଧ୍ୟ ପୋଷକ ତତ୍ତ୍ୱରେ ଭରପୂର ହୋଇ ରହିଥାଏ । ଏହି ମଞ୍ଜିର ପାଉଡର ଡାଇବେଟିସ୍ ଏବଂ ବ୍ଲଡ୍ ପ୍ରେସର ରୋଗୀଙ୍କ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ।

-ପ୍ରତିଦିନ ଏହି ପାଉଡର ଖାଇବା ଦ୍ୱାରା ପାଚନ ଏବଂ ମେଟାବୋଲିଜିମ୍ ଠିକ୍ ରହେ । ଜାମୁକୋଳି ମଞ୍ଜିର ପାଉଡର ଲିଭର୍ ଏବଂ ହାର୍ଟକୁ ସୁସ୍ଥ ରଖେ।



-ଡାଏବେଟିସ୍ ରୋଗୀଙ୍କ ପାଇଁ ଜାମୁକୋଳି ସହ ଏହାର ମଞ୍ଜିରୁ ପ୍ରସ୍ତୁତ ପାଉଡର୍ ଭାରି ଲାଭ ଦାୟକ । ଏହାର ପାଉଡର୍ ଶରୀରରେ ଇନସୁଲିନର ସ୍ତର ବାଢାଇବାରେ ସାହାଯ୍ୟ କରେ ।

-ଯଦି ଆପଣଙ୍କ ଶରୀରରେ ଉଚ୍ଚ ରକ୍ତଚାପର ସମସ୍ୟା ଦେଖାଯାଉଛି ତା'ହେଲେ ଜାମୂକୋଳି ମଞ୍ଜିର ପାଉଡର୍ ସେବନ କରିପାରିବେ । ଏଥିରେ ଥିବା ଔଷଧୀୟ ଗୁଣ ବ୍ଲଡ୍ ପ୍ରେସରକୁ ନିୟନ୍ତ୍ରଣ ରଖିଥାଏ

-ଶରୀରରେ ବର୍ଦ୍ଧିତ ଓଜନକୁ ମଧ୍ୟ ନିୟନ୍ତ୍ରଣ କରେ ଜାମକୋଳି ମଞ୍ଜିର ପାଉଡର । ଯଦି ଆପଣ ସକାଳୁ ସକାଳୁ ଏହି ପାଉଡରକୁ ଖାଉଛନ୍ତି ତା'ହେଲେ କିଛି ଦିନ ମଧ୍ୟରେ ଓଜନ କମିପାରେ । ସକାଳୁ ଖାଲି ପେଟରେ ଗୋଟିଏ ଚାମଚ ପାଉଡରକୁ ଉଷୁମ ପାଣିରେ ପିଇବା ଦ୍ୱାରା ଓଜନ କମିଥାଏ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଥିବା ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି।

# ଅଯୋଗ୍ୟଙ୍କୁ ନିଯୁକ୍ତି : ଯୋଗ୍ୟ ବଂଚିତ

ରାଜ୍ୟରେ ବାରମ୍ବାର ନିଯୁକ୍ତି ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ଏବଂ ଏଥିରେ ବ୍ୟାପକ ଅର୍ଥ କାରବାର, ପରୀକ୍ଷା ବାତିଲ ଘଟଣା ଆଦି ରାଜ୍ୟରେ ସରକାରୀ ଚାକିରୀ ବିକ୍ରି ହେଉଥିବା ନେଇ ସ୍ପଷ୍ଟ ସଂକେତ ପ୍ରଦାନ କରୁଛି। ଯାହାର ପରିଣତି ସ୍ୱରୁପ ମେଧାବୀ ତଥା ଯୋଗ୍ୟ ଛାତ୍ରଛାତ୍ରୀ, ଯୁବକଯୁବତୀ ସରକାରୀ ଚାକିରୀ ପାଇବାରୁ ବଂଚିତ ହେଉଥିବାବେଳେ ମୋଟା ଅଙ୍କର ଲାଂଚ ଦେଇପାରୁଥିବା ଅଯୋଗ୍ୟ ଚାକିରି ପାଇବାରେ ସକ୍ଷମ ହେଉଛନ୍ତି ବୋଲି କହିଲେ ହୁଏତ ଅତିରଂଜିତ ହୋଇନପାରେ। ବିନା ଲାଂଚରେ ଚାକିରି ମିଳେ ନାହିଁ, ଏଭଳି କଥା ଆମେ ହେତୁ ପାଇବା ଦିନଠାରୁ ଶୁଣି ଆସିଛୁ। କହିବା ବାହୁଲ୍ୟ ଯେ, ଦେଶରେ ତଥା ଆମ ରାଜ୍ୟରେ ବେକାରୀ ସମସ୍ୟା ଯାହା, ସେଥିରେ ଚତୁର୍ଥ ଶ୍ରେଣୀ ପିଅନ ଚାକିରିଟିଏ ପାଇଁ ଏମବିଏ, ପିଏଚଡି ଡିଗ୍ରୀଧାରୀ, ଆବେଦନ କରିବାକୁ କୁଣ୍ଠାବୋଧ କରୁନାହାଁନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଯୁକ୍ତି ମେଳା, ଜରିଆରେ ଯେତିକି ନିଯୁକ୍ତି ପତ୍ର ପ୍ରଦାନ କରୁଛନ୍ତି, ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ରିପୋର୍ଟ ପ୍ରକାଶ ପାଇଛି ଯେ, ଗତ ୧୫ମାସରେ ମଧ୍ୟରେ ୧୬ଟି ନିଯୁକ୍ତି ପରୀକ୍ଷା ବାତିଲ ହୋଇଛି। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷା ବାତିଲ କରାଯାଇଛି। ଗତ କିଛି ମାସ ମଧ୍ୟରେ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା, ରାଜସ୍ୱ ନିରୀକ୍ଷକ (ଆରଆଇ), ଅମିନ, ଆସିଡଏସ, ସୁପରଭାଇଜର, ଓଡିଶା ଶିକ୍ଷକ ସାମର୍ଥ୍ୟ ପରୀକ୍ଷା (ଓଟିଇଟି) ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ବାତିଲ ହୋଇଥିବା ଏବେ ପୋଲିସ ଏସଆଇ ନିଯୁକ୍ତି ପରୀକ୍ଷା ବାତିଲ ସମଗ୍ର ରାଜ୍ୟରେ ଉଭୟ ରାଜନୈତିକ ସ୍ତରରେ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଆଲୋଡନ ସୃଷ୍ଟି କରିଛି। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ଏବଂ ଆନ୍ଧ୍ରରୁ ଶ୍ରୀକାକୁଲମରୁ ୧୧୭ ଜଣ ପରୀକ୍ଷାର୍ଥୀ ଗିରଫ ହେବା ଘଟଣା ଏଥିରେ ଦୁର୍ନୀତିର ଗଭୀରତାକୁ ପ୍ରମାଣିତ କରୁଛି। କୁହାଯାଇଛି ଯେ, ଗିରଫ ପ୍ରତି ପରୀକ୍ଷାର୍ଥୀଙ୍କ ଠାରୁ ଆଗୁଆ ୧୦ଲକ୍ଷ ଟଙ୍କା ଲେଖାଏଁ ନିଆଯାଇଥିବାବେଳେ ନିଯୁକ୍ତି ପରେ ଆଉ ୧୫ଲକ୍ଷ ଟଙ୍କା ଲେଖାଏଁ ନିଆଯାଇଥିଲା। ଗୋଟିଏ ପୋଲିସ ଏସଆଇ ଚାକିରୀ ୨୫ଲକ୍ଷ ଟଙ୍କାରେ ବିକ୍ରୀ ପାଇଁ ମୂଳଚାଲ ହୋଇଥିଲା। ଅଗ୍ରୀମ ୧୦ଲକ୍ଷ ଟଙ୍କା ଲେଖାଏଁ ଦେଇଥିବା ଚାକିରି ଆଶାୟୀଙ୍କୁ ପୂର୍ବରୁ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ଏବଂ ତାଲିମ ଦେବା ପାଇଁ ଆନ୍ଧ୍ରପ୍ରଦେଶକୁ ନିଆଯାଉଥିଲା ବୋଲି କୁହାଯାଏ। ବର୍ତମାନର ସରକାର ଦୁର୍ନୀତି ପ୍ରତି ଶୂନ ସହନଶୀଳତ ଥିବା ଡିଣ୍ଡିମ ପିଟୁଥିବା ବେଳେ ଏଥିରେ ପଦସ୍ଥ ଅଧିକାରୀ, ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତିକୁ ଅସ୍ୱୀକାର କରାଯାଇନପାରେ। ଘଟଣାର କ୍ରାଇମବ୍ରାଂଚ ତଦନ୍ତ କରୁଥିବାବେଳେ ବର୍ତମାନ ସୁଦ୍ଧା ୧୨୧ଜଣଙ୍କୁ ଗିରଫ କରିଥିବା ଦାବି କରିଛି। ଗିରଫଙ୍କ ମଧ୍ୟରେ ୧୧୭ଜଣ ପରୀକ୍ଷାର୍ଥୀ ଥିବାବେଳେ ୪ଜଣ ଦଲାଲ (ମଧ୍ୟସ୍ଥି) ଅଛନ୍ତି। କିନ୍ତୁ କୌଣସି ବଡବଡିଆ ଅଧିକାରୀ କିମ୍ବା ପ୍ରଭାବଶାଳୀ ବ୍ୟକ୍ତିବିଶେଷ ଗିରଫଙ୍କ ମଧ୍ୟରେ ନାହାଁନ୍ତି। ସେହିପରି ପୋଲିସ ଏସଆଇ ନିଯୁକ୍ତି କ୍ଷେତ୍ରରେ ପ୍ରଶାସନିକ ଷଡଯନ୍ତ୍ରକୁ ଅଣଦେଖା କରାଯାଇନପାରେ। ରାଜ୍ୟରେ ତିନୋଟି ପ୍ରମୁଖ ସରକାରୀ ନିଯୁକ୍ତି ସଂସ୍ଥା ତଥା ଓଡିଶା ଲୋକସେବା ଆୟୋଗ, ଓଡିଶା ଷ୍ଟାଫ୍ ସିଲେକସନ୍ କମିଶନ ଏବଂ ଓଡିଶା ସବ୍‌ଅର୍ଡିନେଟ ଷ୍ଟାଫ ସିଲେକସନ୍ ସଂସ୍ଥା ଥିବାବେଳେ ଓଡିଶା ପୋଲିସ ନିଯୁକ୍ତି ବୋର୍ଡର ତୃତୀୟ ପକ୍ଷ ତଥା ଘରୋଇ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେବା ପରୀକ୍ଷାରେ ସ୍ୱଚ୍ଛତା, ନିରପେକ୍ଷତା ସନ୍ଦେହ ଘେରକୁ ଠେଲି ଦେଇଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ଷଡଯନ୍ତ୍ର ସ୍ପଷ୍ଟ ବାରି ହୋଇପଡୁଛି ବୋଲି କୁହାଯାଇପାରେ। ନିକଟରେ ରାଜ୍ୟରେ ଶିକ୍ଷକ ନିଯୁକ୍ତି ପାଇଁ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷାର ଠିକ୍ ପୂର୍ବ ରାତିରେ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷାକୁ ହଠାତ ବାତିଲ କରାଯାଇଥିଲା। ଏହି ଘଟଣାରେ ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଉପସଭାପତିଙ୍କ ସହ କେତେକ ଅଫିସର ଓ ଶିକ୍ଷକଙ୍କୁ ଗିରଫ କରାଯାଇଥିଲା। ସେମାନେ ଏବେ ଜେଲରେ ଅଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟରେ ବାରମ୍ବାର ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଓ ଦୁର୍ନୀତିକୁ ରୋକିବା ତଥା ପରୀକ୍ଷା ବ୍ୟବସ୍ଥାକୁ ସ୍ୱଚ୍ଛ, ନିରପେକ୍ଷ ଏବଂ ବିଶ୍ୱସନୀୟ କରିବା ପାଇଁ ସରକାର 'ଓଡିଶା ସାର୍ବଜନୀନ ପରୀକ୍ଷା (ଅନୁଚିତ ସାଧନର ନିବାରଣ) ଆଇନ-୨୦୨୪ ପ୍ରଣୟନ କରିଛନ୍ତି। ଆଇନରେ ୫ବର୍ଷରୁ ୧୦ବର୍ଷ ପର୍ଯ୍ୟନ୍ତ ଜେଲ୍ ଏବଂ କୋଟିଏ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦଣ୍ଡବିଧାନ ରହିଛି। ରାଜ୍ୟରେ କଠୋର ଆଇନ ଥିବା ସତ୍ୱେ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ କମିବା ପରିବର୍ତେ ବଢିଚାଲିଛି। ଯାହାକି ନିକଟରେ ଦୁଇଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ଘଟଣା ପ୍ରମାଣିତ କରେ। ଆଇନ ପ୍ରଣୟନ ହେବାର ଇତିମଧ୍ୟରେ ୧୦ମାସ ବିତିଗଲାଣି, କିନ୍ତୁ ପ୍ରଶ୍ନପତ୍ର ପ୍ରଘଟ ପାଇଁ କେତେଜଣଙ୍କୁ ଜେଲ ଓ ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଇଛି। ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱଭାବିକ। ପୋଲିସ ଏସ.ଆଇ ନିଯୁକ୍ତି ପରୀକ୍ଷା ବାତିଲର ବିଚାର ବିଭାଗୀୟ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କଠୋର ଦଣ୍ଡବିଧାନ ଆବଶ୍ୟକ। ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତି ଘଟିବା ସହ ଯୋଗ୍ୟ ମେଧାବୀଙ୍କ ମଧ୍ୟରେ ନୂତନ ଆଶା ସଂଚାର କରିବାରେ ସହାୟକ ହେବ। ଅନ୍ୟଥା ଟଙ୍କା ବଳରେ ଅଯୋଗ୍ୟ ନିଯୁକ୍ତି ପାଇବା ଏବଂ ଯୋଗ୍ୟ ବଂଚିତ ହେବା ସାର ହେବ।

# କଳିଙ୍ଗା ଘାଟିର ଭୂବିପର୍ଯ୍ୟୟ : ପ୍ରକୃତିର ପ୍ରତିଶୋଧ


|||| ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ ||||


ଓଡ଼ିଶାର ଭୂସ୍ୱର୍ଗ କାଶ୍ମୀର କୁହାଯାଉଥିବା ପ୍ରାକୃତିକ ବିଭବର ଅନନ୍ୟ ଗନ୍ତାଘର ଓଡ଼ିଶାର ଦକ୍ଷିଣ ଅଂଶର ମୁଖ୍ୟ ଭାଗକୁ ଯୋଡିଥିବା କଳିଙ୍ଗା ଘାଟି ଏବେ ଭୟଙ୍କର ବିପର୍ଯ୍ୟୟକୁ ସାମ୍ନା କରୁଛି। ଲଗାଣ ବର୍ଷା ଓ ଭୂସ୍ଖଳନ ପାଇଁ ରାସ୍ତା ବିପର୍ଯ୍ୟସ୍ତ ହେବା ସହ ଘାଟି ରାସ୍ତା ଛାରଖାର ହୋଇଯାଇଛି। ଏହି ପୃଷ୍ଠଭୂମିରେ ଆମେ ଏଠାରେ ଉଲ୍ଲେଖ କରୁଛୁକି ଯେ, ନିଜର ଜୀବନ ଅନୁକୂଳ ବାତାବରଣ ପାଇଁ ପୃଥିବୀରେ ମାନବ ସଭ୍ୟତାର ସୃଷ୍ଟି। ସମସ୍ତ ବିପଦ ଆପଦକୁ ମୁକାବିଲା କରି ସଭ୍ୟତାର ବିକାଶ ସହ ପୃଥିବୀର ଭୌଗୋଳିକ ଆଉ ପାଣିପାଗ ଅନେକ ବିପଦ ଆପଦ ଓ ଦୈବଦୁର୍ବିପାକ ସଂଗଠିତ କରିଥାଏ। ଏହା ଭିତରୁ କିଛି ପ୍ରାକୃତିକ ଆଉ କିଛି ମାନବକୃତ ହୋଇଥାଏ। ବିଗତ କିଛି ଦିନ ଜଳବାୟୁ ଜନିତ ଦୁର୍ବିପାକରେ ଓଡ଼ଶାବାସୀ ଯଥାସମ୍ଭବ ନିଜକୁ ବଞ୍ଚାଇବା ସହ ପ୍ରକୃତିର ଭାରସାମ୍ୟ ରକ୍ଷା ପାଇଁ ଉଦ୍ୟମ କରୁଛନ୍ତି। ତେବେ ଚଳିତ କନ୍ଧମାଳର କଳିଙ୍ଗା ଘାଟିର ଭୂସ୍ଖଳନ ଏକ ନିଶ୍ଚିନ୍ତ ଭାବେ ସମ୍ବେଦନଶୀଳ ଘଟଣା। ଗତ ସେପ୍ଟେମ୍ବର ୧୬ ତାରିଖରୁ ଏହି ଭୂସ୍ଖଳନ ଆରମ୍ଭ ହୋଇଥିଲା। ଏଠାରେ ସୂଚୀତ କରାଯାଇପାରେ ପୂର୍ବରୁ ବିଧିବଦ୍ଧ ଭାବେ ପକ୍କା ସଡ଼କ ନିର୍ମାଣ ହୋଇ ପ୍ରଶସ୍ତ ରାସ୍ତାଟି ନୟାଗଡ଼, ଗଞ୍ଜାମ ଜିଲ୍ଲାକୁ କନ୍ଧମାଳ ସହ ସଂଯୋଗ କରିଛି। ଏହି ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ବନ ବିଭଗ, ମୃତ୍ତିକା ସଂରକ୍ଷଣ ବିଭାଗ, ରାସ୍ତା ନିର୍ମାଣ ବିଭାଗ ତଥା ରାଜସ୍ୱ ବିଭାଗ ଦ୍ୱରା ସମ୍ପାଦିତ ହେଉଛି। ବିଗତ ଦିନରେ ଏହି ଅଞ୍ଚଳରେ ବନାଗ୍ନି ସହିତ ଚୋରା କାଠ ବେପାର ଯୋଗୁ ବନର ଘନତ୍ୱ ଯଥେଷ୍ଟ କମିବାରେ ଲାଗିଛି। ମୃତ୍ତିକା ସଂରକ୍ଷଣ ବ୍ୟବସ୍ଥା ଏହି ଅଞ୍ଚଳ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି। ଯୋଗାଯୋଗ ବ୍ୟବସ୍ଥା ପାଇଁ ରାସ୍ତା ପ୍ରଶସ୍ତିକରଣର ନିହାତି ଆବଶ୍ୟକତା ରହିଛି। କିନ୍ତୁ ଏ ନେଇ ବୈଜ୍ଞାନିକ ପଦ୍ଧତି ଦ୍ୱାରା ମାନବକୃତ ତ୍ରୁଟିକୁ ସମୀକ୍ଷା କରାଯିବା ଉଚିତ। ଏହା ପୂର୍ବରୁ ଉତ୍ତରାଖଣ୍ଡ ଓ କେରଳର ୱ୍ୱେଏନାଡ଼ ଅଞ୍ଚଳର ଭୟାବହ ବିପର୍ଯ୍ୟୟକୁ ଆମେ ଦେଖିଛେ।

ବାଦଲ ଫଟା ବର୍ଷା। ଭୟଙ୍କର ଭୂସ୍ଖଳନ, ବନ୍ୟା ବିଭୀଷିକା। ପୋଛି ନେଉଛି ଗାଁ, ରାସ୍ତା ଅବରୋଧ କରୁଛି ପାହାଡ଼ ଧସା ପଥର। କଳିଙ୍ଗା ଘାଟିରେ ଯାତାୟତ ବନ୍ଦ। ଗତ ତିନି ମାସ ହେବ ଏମିତି ଘଟଣା ସବୁ ପାଲଟିଛି ବଡ଼ ଖବର। ଓଡ଼ିଶା ସମେତ କିଛି ରାଜ୍ୟରେ ପ୍ରକୃତିର ଏଭଳି ରାଗ ମିଜାଜ୍ ଚିନ୍ତା ବଢ଼ାଇଛି। କ୍ରମାଗତ ଭାବେ ଏଭଳି ଘଟଣା କ'ଣ ମଣିଷ ଉପର ପ୍ରକୃତିର ପ୍ରତିଶୋଧ ? ଆମେ ନିୟମିତ ଜଙ୍ଗଲ କାଟୁଛୁ। ମନଇଚ୍ଛା ପାହାଡ଼ ଖୋଳୁଛୁ। ଭଲ ମନ୍ଦ କି ଆଗତ ଭବିଷ୍ୟତ ବିଚାର ନାହିଁ। ରାତି ପାହିଲେ ପ୍ରକୃତି ଉପରେ ଆମର ନିର୍ଦ୍ଦୟ ଅତ୍ୟାଚାର। ଲକ୍ଷ୍ମଣରେଖା ମାନୁଛି ବା କିଏ ? ଆମ ଶୋଷଣ ଓ ଅତ୍ୟାଚାର ଢ଼େର ମଥାପାତି ସହିଲା ପ୍ରକୃତିରାଣୀ। ଲାଗୁଛି ଏବେ ପୁରା ରାଗି ପାଚି ଲାଲ। କଡ଼ାଗଣ୍ଡା ପ୍ରତିଶୋଧ ନେବାକୁ ଅଣ୍ଟା ଭିଡ଼ିଛି। ପ୍ରକୃତିର ଯେଉଁ ଜମି, ଜଙ୍ଗଲ ଛଡ଼ାଇ ନେଇ ଆମେ ଆକାଶଛୁଆଁ କୋଠା, ସପିଂ ମଲ ଛିଡ଼ା କରାଇଥିଲୁ, ପାଣିର ଝଡ଼କାରେ ସବୁ ମାଟିରେ ମିଶିଛି। ସତେ ଯେମିତି ଆମଠୁ ନିଜ ଜମି ପୁଣି ଛଡ଼ାଇ ନେଇଛି ପ୍ରକୃତି। ବାଦଲ ଓ ନଦୀ ଆମକୁ ନାଲିଆଖି ଦେଖାଉଛି। ସହର ଭାସୁଛି କିନ୍ତୁ ହସୁଛି ପ୍ରକୃତି।

ବାସ୍ତବରେ ପ୍ରକୃତି ଆମର ପରୀକ୍ଷା ନେଉଛି। ଆମକୁ ଏଣିକି ପ୍ରକୃତି ଅନୁକୂଳ ମନୋଭାବ ନେଇ ଜୀବନ କାଟିବାର ସମୟ ଆସିଛି। ପରିବେଶବିତଙ୍କ ଅଭିଯୋଗ, ନଦୀନାଳ ପରେ ଏବେ ମଣିଷ ପାହାଡ଼ ଉପରେ ଆଖି ପକାଇଛି। ଅଟ୍ଟାଳିକା, ହୋଟେଲ, ରେଷ୍ଟୋରାଁରୁ ଶିଳ୍ପ ପ୍ରକଳ୍ପ ମଧ୍ୟ ପାହାଡ଼ ତାଡ଼ି ନିର୍ମାଣ କରୁଛି। ପାହାଡ଼ର ସବୁଜିମା ଉପରେ ଜବରଦଖଲ କରି ନିଜର ଲୋଭ ପୂରଣ କରୁଛି। ଆମକୁ ପ୍ରକୃତିକ ଦେଇଛି ଅନେକ କିଛି। ବିସ୍ତୀର୍ଣ୍ଣ ବେଳାଭୂମି, ବହୁ ନଦୀ, ଝରଣା, ଘଞ୍ଚ ଜଙ୍ଗଲ ସହ ପାହାଡ଼ ପର୍ବତ ଆମ ଦେଶର ବଡ଼ ସମ୍ପଦ। ମାତ୍ର ମଣିଷର ଲୋଭ ପାଇଁ ଜୈବ ସନ୍ତୁଳନ ଏବେ ବିଗିଡ଼ିବାକୁ ବସିଛି। ମାଡ଼ି ଆସିଲାଣି ଭୟଙ୍କର ବିପଦ। ଆମ ଲୋଭରୁ ଆମେ ଏବେ ବିପଦର ଯନ୍ତାରେ। ଏ ବୁଢ଼ିଆଣୀ ଜାଲରୁ କେମିତି ମିଳିବ ମୁକ୍ତି ?

କନ୍ଧମାଳର କଳିଙ୍ଗା ଘାଟି ଭୟ ଦେଖାଇଲାଣି। ଦୁଇ ଦୁଇଥର ଭୂସ୍ଖଳନରୁ ରାସ୍ତାରେ ପାହାଡ଼ର ଅତଡ଼ା। କନ୍ଧମାଳ ଜିଲ୍ଲାର ଜୀବନରେଖାରେ ଯାତାୟତ ବନ୍ଦ। କଳିଙ୍ଗାଘାଟିର ଭୂସ୍ଖଳନ ମନରେ ଛନକା ପୁରାଇଛି। ମନକୁ ପାପ ଛୁଉଁଛି। ଓଡ଼ିଶାରେ ଉତ୍ତରାଖଣ୍ଡ ଭଳି ସ୍ଥିତି କେବେ ଆସିବ କି ? ବଦଳିଛି ଫୁଲବାଣୀ-ଗଞ୍ଜାମକୁ ସଂଯୋଗ କରୁଥିବା କଳିଙ୍ଗା ଘାଟି ରାସ୍ତାର ଚିହ୍ନବର୍ଣ୍ଣ। ଏ ଘାଟିରେ ପୂର୍ବରୁ ଅନେକ ଥର ପଥର ଧସିଛି। ମାତ୍ର ଏଥର ଅପେକ୍ଷାକୃତ ବନ ବଡ଼ ପଥର ଧସିଛି। ୨୦୧୩ କେଦାରନାଥରେ ବାଦଲ ଫଟା ବର୍ଷା ନିର୍ଦ୍ଦୟ ଭାବେ ଛଅ ହଜାର ମଣିଷଙ୍କ ଜୀବନ ନେଇଥିଲା। କେରଳରେ ବାଦଲ ପଟା ବିପ୍ଳାତ ମନେ ପଡ଼ିଲେ ଭୟ ଗୋଡ଼ାଉଛି। ପ୍ରକୃତିର ପ୍ରକୋପ ଆଗରେ ମଣିଷ ଅସହାୟ ହୋଇ ହାତ ଟେକି ଦେଇଥିଲା। ତଥାପି ବୃଦ୍ଧି ପଶିଲାନି। ଯେମିତି କର୍ମ ସେମିତି ଫଳ। ଗାତ ଖୋଳୁଛୁ। ସେଇ ଗାତର ନିଜେ ପଡୁଛୁ। ନିଜ ଗୋଡ଼ରେ ନିଜେ କୁରାଢ଼ି ମାରୁଛୁ। ପ୍ରକୃତି ଦେଖାଉଛି କରାଳ ରୂପ। ଲୋଭ ଓ ମୋହରୁ ଆମର ମୁକ୍ତି ବା କାହିଁ ?

ପ୍ରାକୃତିକ ବିପର୍ଯ୍ୟୟ, ଭୂସ୍ଖଳନ ଓ ବିଭିନ୍ନ ଜାଗତିକ ଅଘଟଣ ଭିତରେ ଏହିଟା ସତ୍ୟ ଯେ ଆମେ ଯେଉଁ ପ୍ରଦୂଷଣ କରୁଛୁ ଏହା ଆମ ଭୂତଳ ଜଳ, ମାଟି, ନଦୀ, ସମୁଦ୍ର ଏପରିକି ଆମ ଶରୀରକୁ ବିଷାକ୍ତ କରିସାରିଛି। ଏସବୁ ଭିତରେ ଆମ ଜୀବନ ଶୈଳୀର ପ୍ରମୁଖ ଅଙ୍ଗ ପାଲଟିଥିବା ପ୍ଲାଷ୍ଟିକ କଥାକୁ ମଧ୍ୟ ଆଲୋଚନାରେ ସ୍ଥାନିତ କରାଯାଉ। ବହୁମୁଖିକା, ସ୍ଥାୟିତ୍ୱ ଓ କମ ଖର୍ଚ୍ଚ କାରଣରୁ ପ୍ୟାକେଜିଂ ଠାରୁ ନିର୍ମାଣ, ସ୍ୱାସ୍ଥ୍ୟ ସେବାଠାରୁ ପରିବହନ ପ୍ରତି କ୍ଷେତ୍ରରେ ଏହାର ବ୍ୟାପକ ବ୍ୟବହାର ଦେଖାଦେଇଛି। ୧୯୫୦ ମସିହାରେ ପ୍ଲାଷ୍ଟିକ ସମାଗ୍ରୀର ଉତ୍ପାଦନ ଦୁଇ ମିଲିୟନ ମେଟ୍ରିକ ଟନ ଥିବାବେଳେ ୨୦୨୪ ମସିହାରେ ଏହାର ପରିମାଣ ହେଉଛି ୪୬୦ ମିଲିଅନ ମେଟ୍ରିକ ଟନ। ତେବେ ସବୁଠାରୁ ବଡ଼ କଥା ହେଉଛି ପ୍ଲାଷ୍ଟିକର ବ୍ୟାପକ ପ୍ରଦୂଷଣ ସମାଜର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର କୁହାଯାଉଥିବା ସବୁଜ ବନାନୀ ଓ ପାର୍ବତ୍ୟାଞ୍ଚଳ ତଥା ଘାଟି ରାସ୍ତା ପାଇଁ ଅତ୍ୟନ୍ତ ଘାତକ ସାବ୍ୟସ୍ତ ହେଉଛି।

ପାହାଡ଼ ଉପରେ ସେଲଫି ପଏଣ୍ଟରେ ସେଲଫି ନେଉଛୁ। ରିଲସ କରୁଛୁ। ନିଜକୁ ଶାନ୍ତ କରିବାକୁ ପ୍ରକୃତି କୋଳକୁ ଧାଇଁ ଯାଉଛୁ। ହେଲେ ନିର୍ଦ୍ଦୟ ଭାବେ ସେଇ ପ୍ରକୃତିକୁ ଅଶାନ୍ତ କରି ଚାଲିଛୁ। ପ୍ରକୃତି ଜମି ଆମେ ଛଡ଼ାଇ ନେଇ ଅଟ୍ଟାଳିକା ଛିଡ଼ା କରୁଛୁ। ପ୍ରକୃତି ଇଟାର ଜବାବ ପଥରେ ଦେଉଛି। ଭୂସ୍ଖଳନ, ଭୀଷଣ ବନ୍ୟାରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଘର ମାଟିରେ ମିଶୁଛି। ମଣିଷଙ୍କ ଜୀବନ ବି ଯାଉଛି। ପ୍ରକୃତି ସତେ ଯେମିତି ରାଣ ନିୟମ ଖାଇଛି, ଆମଠାରୁ ତା' ଜମି ଫେରାଇ ନେବ। କଳେ ବଳେ ବା କୌଶଳେ। ଜଳବାୟୁ ଜାରି କରିଛି ଜରୁରୀ ପରିସ୍ଥିତି। ପ୍ରାକୃତିକ ବିପର୍ଯ୍ୟୟ, ପ୍ରବଣ ରାଜ୍ୟ ଓଡ଼ିଶା। ପ୍ରାୟ ପ୍ରତିବର୍ଷ ଆମକୁ ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼େ। ଭୂସ୍ଖଳନ ବିପଦର ମୁକାବିଲା ପାଇଁ ସ୍ୱଳ୍ପକାଳୀନ ନୁହେଁ ଦୀର୍ଘମିଆଦି ଯୋଜନା ଲୋଡ଼ା। ବ୍ୟାପକ ଖଣି ଓ ପଥର ବ୍ଲାଷ୍ଟିଂ ବନ୍ଦ ନହେଲେ ଭୂସ୍ଖଳନ ବିପଦ ବଢ଼ିବ। ସରକାରୀ ସ୍ତରରେ ଯେତିକି ପଦକ୍ଷେପ ନିଆଯିବ, ତା'ଠୁ ଅଧିକ ସଚେତନ ଆମକୁ ହେବାକୁ ପଡ଼ିବ। ଆମର ଅଭାବକୁ ନିୟନ୍ତ୍ରଣ କରିବାକୁ ହେବ। ପାହାଡ଼ରୁ ମନଇଚ୍ଛା ଗଛକଟା ରୋକିବା। ପ୍ରକୃତି ଉପରେ ଆମେ ଅତ୍ୟାଚାରରେ ତାଲା ମାରିବା। ଆସନ୍ତୁ ସୁରକ୍ଷିତ ଜୀବନ ପାଇଁ ପ୍ରକୃତିର ସୁରକ୍ଷା ପାଇଁ ଶପଥ ନେବା।


ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ, ଦୂରଭାଷ : ୯୪୩୭୨୪୨୩୧୭, E-mail : drbichitranandaacharya@gmail.com


# କୃତ୍ରିମ ବୁଦ୍ଧିମତା ଓ ସ୍ୱାସ୍ଥ୍ୟ


ପ୍ରଫେସର ଡାକ୍ତର ସମ୍ରାଟ କର


କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆମ ଦିନଚର୍ଯ୍ୟାର ଏକ ଅଂଶ ପାଲଟିଗଲାଣି। ଆମେ କ'ଣ କାଇବା, କେତେବେଳେ କାହା ସହ ସାକ୍ଷାତ କରିବା ତାହା ନିଶ୍ଚିତ କରୁଛି ଏଆଇ। ଅନେକ ତ ଏବେ ନିଜକୁ ଫିଟ ରଖିବା ପାଇଁ ଜିମ ଯାଉନାହାନ୍ତି। ଆର୍ଟିଫିସିଆଲ ଇଣ୍ଟେଲଜେନ୍ସ ଆମର ଫିଟନେସ ଟ୍ରେନର ଦାୟିତ୍ୱ ମଧ୍ୟ ତୁଲାଉଛି। ତେବେ ଏହା ଆମ କାମକୁ, ଆମର ଜୀବନଶୈଳୀକୁ ଯେତେ ସହଜ କରୁଛି, ଏହା ଆମ ପାଇଁ ସେତିକି କ୍ଷତିକାରକ ବୋଲି ମଧ୍ୟ କହିଲେଣି ବିଶେଷଜ୍ଞ।

ଧୀରେ ଧୀରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା ଆମ ଜୀବନ ଶୈଳୀକୁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଗଲାଣି। ଆମେ କେବେ କାହାକୁ ଭେଟିବୁ ? ଏହାକୁ ନେଇ ମିଟିଙ୍ଗ ନିର୍ଦ୍ଧାରଣ କରିବା ଠାରୁ ଖାଦ୍ୟପେୟ ଏଆଇ ଦ୍ୱାରା ନିଶ୍ଚିତ କରାଯାଉଛି। ଆଗାମୀ ସମୟରେ ଏହି ଟ୍ରେଣ୍ଡ ଅଧିକ ବ୍ୟାପକ ହେବାକୁ ଯାଉଛି। କାରଣ ଏଆଇ ଏବେ ଫିଟନେସ କୋଚର କାମ କରିବା ଆରମ୍ଭ କରିଛି। ବର୍ତ୍ତମାନର ବ୍ୟସ୍ତ ଜୀବନଶୈଳୀରେ ଜିମ ଯାଇ ୱ୍ୱାର୍କଆଉଟ କରିବାକୁ ସମୟ ନାହିଁ। ଏଥିରେ ସମୟ ମଧ୍ୟ ବର୍ବାଦ। ଏବେ ଅନେକ ଫିଟନେସ ଆପରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଯୋଡ଼ା ଯାଉଛି। ଏହି ଆପଗୁଡ଼ିକ ଆପଣଙ୍କ କ୍ଷମତା, ଲକ୍ଷ୍ୟ ଏବଂ ଉପକରଣକୁ ଧ୍ୟାନରେ ରଖି କଷ୍ଟମାଇଜଡ଼ ୱ୍ୱାର୍କଆଉଟ ଯୋଜନା ପ୍ରସ୍ତୁତ କରୁଛି। ଏହି ଏଆଇ ଆଧାରିତ ଆପ ଗୁଡ଼ିକର ସବୁଠୁ ବିଶେଷକଥା ହେଉଛି ଏହା ଉପଭୋକ୍ତାଙ୍କ ଡାଟାକୁ ନେଇ କହିପାରିଥାଏ କେଉଁ ୱ୍ୱାର୍କଆଉଟ ସେମାନଙ୍କ ପାଇଁ ଉପଯୋଗୀ ଏବଂ କେଉଁଟା ନୁହେଁ। ଗୋଟିଏ ୱ୍ୱାର୍କଆଉଟ ସର୍ତ୍ତକୁ ପୁରା କରିବା ପରେ ଏହି ଏଆଇ ଆଧାରିତ ଆପ ସ୍ୱୟଂ ଚାଳିତ ଭାବରେ ଆଗାମୀ ପ୍ରଶିକ୍ଷଣ ସର୍ତ୍ତକୁ କଷ୍ଟମାଇଜଡ଼ କରିଥାଏ। ଏହି ୱ୍ୱାର୍କଆଉଟ ଆପ ଗୁଡ଼ିକରେ ଅନେକ ଫିଚର୍ସ ସାମିଲ ଥାଏ। ୱ୍ୱାର୍କଆଉଟ କରିସାରିବା ପରେ ଫିଡବ୍ୟାକ ହିସାବରେ କହିବାକୁ ହୋଇଥାଏ, ବ୍ୟାୟାମ କରି ସାରିବା ପରେ ଆପଣ କିପରି ଅନୁଭବ କରୁଛନ୍ତି ? ଆପଣ କେତେ ସମୟରେ ୱ୍ୱାର୍କଆଉଟ ପୁରା କରିଛନ୍ତି ? ଆପଣ କେତେ ଓଜନ ଉଠାଇଛନ୍ତି ଆଦି ସାମିଲ ଥାଏ। ଫିଟନେସ ଏବଂ ୱ୍ୱାର୍କଆଉଟ ଉପରେ ନଜର ରଖିବା ପାଇଁ ସ୍ମାର୍ଟୱ୍ୱାଚର ଉପଯୋଗ ବହୁତ ବଢ଼ିଛି। ଏହା ସାହାଯ୍ୟରେ ଜଣେ ବ୍ୟକ୍ତି କଷ୍ଟମାଇଜଡ଼ ନୂଆ ୱ୍ୱାର୍କଆଉଟ ତିଆରି କରିବା ପାଇଁ ତାଙ୍କର ହାର୍ଟ ରେଟ ଏବଂ କ୍ୟାଲୋରି ବର୍ନ ପରି ଡାଟାର ସାହାଯ୍ୟ ନେଉଛନ୍ତି। ବର୍ତ୍ତମାନ ସମୟରେ ଏହି ୱ୍ୱାର୍କଆଉଟ ଆପସ୍ ଗୁଡ଼ିକ ପାଖରେ କୋଟି କୋଟି ସଂଖ୍ୟାର ୟୁଜର୍ସ ଅଛନ୍ତି। ଆଗାମୀ ସମୟରେ ଏହି ପ୍ରକାର ୱ୍ୱାର୍କଆଉଟ ଆପ୍ସ ଗୁଡ଼ିକ ଅଧିକ ଉନ୍ନତ ହେବ। ଯାହା ସାହାଯ୍ୟରେ ଜଣେ ବ୍ୟକ୍ତିକୁ ସେହି ଆଧାରରେ ଆହୁରି ଅଧିକ କଷ୍ଟମାଇଜଡ଼ ୱ୍ୱାର୍କଆଉଟ ତିଆରି କରିବାରେ ସାହାଯ୍ୟ କରିବ। ରିସର୍ଚ୍ଚ ରିପୋର୍ଟ ଏବଂ ପରିସଂଖ୍ୟାନ ଦର୍ଶାଉଛି ଯେ ୨୦୨୭ ସୁଦ୍ଧା ଫିଟନେସ ଆପ ବଜାର ୧୪.୬୪ କୋଟି ଡଲାରରେ ପହଞ୍ଚିବ ଏବଂ ୨୦୨୪ରେ ଫିଟନେସ ଆପ ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ୧୦.୦୨ କୋଟିରେ ପହଞ୍ଚି ପାରିବ। ଘରେ ୱ୍ୱାର୍କଆଉଟ କରିବା ହେଉ କିମ୍ବା ବିଭିନ୍ନ ଆପ୍ସ ସାହାଯ୍ୟରେ ସ୍ୱାସ୍ଥ୍ୟ ଉପରେ ନଜର ରଖିବା ଫିଟନେସ ପାଇଁ ଏବେ ଅନେକ ଲୋକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ନିର୍ଭର କରୁଛନ୍ତି।

ବିଶେଷକରି ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବା ବ୍ୟକ୍ତିକୁ ଧ୍ୟାନରେ ରଖି ଏପରି ଏଆଇ ଥେରାପିଷ୍ଟ ତିଆରି କରାଯାଉଛି, ଯେଉଁଥିରେ ବ୍ୟକ୍ତି ନିଜ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିପାରୁଛି। ଏହାର ଅର୍ଥ ମାନସିକ ସ୍ୱାସ୍ଥ୍ୟ ସେବା ପାଇଁ ଆବଶ୍ୟକ ଥେରାପି ବି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି ମାଧ୍ୟମରେ ଉପଲବ୍ଧ ହେଉଛି। ମାନସିକ ସ୍ୱାସ୍ଥ୍ୟ ପାଇଁ ଏଆଇ ଉଇଜା, ହେ ଏବଂ ୱ୍ୱାବୋଟ ପରି ଆପ୍ସ ଜରିଆରେ ଥେରାପି କରାଯାଉଛି। ଯେତେବେଳେ ଏହି ଆପ ଥେରାପି ପ୍ରୋସେସ ଆରମ୍ଭ କରିଥାଏ ଏହା କିଛି ପ୍ରଶ୍ନ ସେଟ କରିଥାଏ ଯାହାକୁ ଲୋକମାନେ ନିଜେ ବାଛିଥାନ୍ତି। ଏହି ଆପ୍ସ ଗୁଡ଼ିକ ସଂଜ୍ଞାତ୍ମକ ବ୍ୟବହାର ଥେରାପିରୁ ପ୍ରେରିତ। ଏହା ଚିନ୍ତା ଅବସାଦକୁ ଦୂର କରିବା ପାଇଁ ଲୋକଙ୍କ ଭାବିବା ଏବଂ ବ୍ୟବହାରର ଶୈଳୀକୁ ବଦଳିବାକୁ ପ୍ରେରିତ କରିଥାଏ। ତେବେ ଏହା ବ୍ୟତୀତ ମଧ୍ୟ ଆହୁରି ଏଆଇ ଥେରାପିଷ୍ଟ ଅଛି ଯାହା ଯୁବ ପିଢ଼ିଙ୍କ ଭିତରେ ଖୁବ ଲୋକପ୍ରିୟ ହୋଇପାରିଛି। ସେଥିରୁ ଗୋଟିଏ ହେଉଛି ସାଇକୋଲୋଜିଷ୍ଟ। ହ୍ୟାରିପୋଟର, ଏଲନ ମସ୍କ, ବେୱ୍ୱାନ୍ସ, ସୁପର ମାରିୟୋ ଏବଂ ୱ୍ୱାଦମିର ପୁଟିନ ଏହି ନାମ ଗୁଡ଼ିକ ହେଉଛି ସେହି ଲକ୍ଷ ଲକ୍ଷ କୃତ୍ରିମ ବୁଦ୍ଧିମତା ବ୍ୟକ୍ତିତ୍ୱର କିଛି ନାମ ଯାହା ସହ କ୍ୟାରେକ୍ଟର, ଏଆଇରେ କଥାବାର୍ତ୍ତା ହେବା ସମ୍ଭବପର। ଏହା ଏମିତି ଏକ ଲୋକପ୍ରିୟ ମଞ୍ଚ ଯେଉଁଠାରେ କେହି ବି କାଳ୍ପନିକ ଏବଂ ବାସ୍ତବିକ ଲୋକଙ୍କ ନାମରେ ଚାଟବଟ ତିଆରି କରିପାରିବେ। ସାଇକୋଲୋଜିଷ୍ଟ ଆପ ମଧ୍ୟ କ୍ୟାରେକ୍ଟର ଏଆଇ ପରି କାମ କରିଥାଏ। କ୍ୟାରେକ୍ଟର, ଏଆଇ ବି ଚାଟବଟ ଚାଟଜିପଟି ପରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟେକନିକର ବ୍ୟବହାର କରିଥାଏ। କିନ୍ତୁ ଏବେ କ୍ୟାରେକ୍ଟର, ଏଆଇ ଚାଟବଟ ତୁଳନାରେ ସାଇକୋଲୋଜିଷ୍ଟ ନାମକ ଚାଟବଟ ଅଧିକ ଲୋକପ୍ରିୟ ହେଉଛି। ସାଇକୋଲୋଜିଷ୍ଟକୁ ବ୍ଲେଜମ୍ୟାନ ୯୮ ନାମକ ଜଣେ ୟୁଜର ବର୍ଷକ ପୂର୍ବେ ତିଆରି କରିଥିଲେ। ଏହି ଚାଟବଟରେ ଏଯାଏ ୭୮ ମିଲିୟନ ମେସେଜ ସେୟାର କରାଯାଇଛି। କ୍ୟାରେକ୍ଟର, ଏଆଇ ବା ବ୍ଲେଜମ୍ୟାନ୯୮ ଏହି ଚାଟବଟରେ କେତେ ଉପଭୋକ୍ତା ଅଛନ୍ତି ତାହା ପ୍ରକାଶ କରି ନାହିଁ। କିନ୍ତୁ ଏହା ଅନୁଯାୟୀ ପ୍ରତିଦିନ ୩.୫ ମିଲିୟନ ଲୋକ ଏହି ସାଇଟକୁ ଆସିଥାନ୍ତି। ଏହି ଚାଟବଟର ପରିଚୟ ଜୀବନରେ ଆସୁଥିବା ସମସ୍ୟା ସମାଧାନରେ ସାହାଯ୍ୟ କରୁଥିବା ବ୍ୟକ୍ତି ରୂପେ ହୋଇଥାଏ। ଏଥିରେ ସମୁଦାୟ ୪୭୫ ଚାଟବଟ ଅଛି। ଯାହାର ନାମ ଥେରାପି, ଥେରାପିଷ୍ଟ, ସାଇକାଟ୍ରିଷ୍ଟ ଏବଂ ସାଇକୋଲୋଜିଷ୍ଟ। ଏମାନେ ବିଭିନ୍ନ ଭାଷାରେ ମଧ୍ୟ କଥାବର୍ତ୍ତା ହୋଇପାରନ୍ତି। ଏଥିରେ ସବୁଠୁ ଅଧିକ ଲୋକପ୍ରିୟ ହେଉଛି ମାନସିକ ସ୍ୱାସ୍ଥ୍ୟ ସହାୟକ ପରି ଥେରାପିଷ୍ଟ। ଆର ୟୁ ଫିଲିଙ୍ଗ ଓକେ ପରି ଚାଟବଟରେ ମଧ୍ୟ ୧୬.୫ ମିଲିୟନ ମେସେଜ ପ୍ରତିଦିନ ସେୟାର କରାଯାଇଥାଏ। ଏହା ବ୍ୟତୀତ ଲିମ୍ବିକ ଆକ୍ସେସ ନାମକ ଏକ ଏଆଇ ସେବାକୁ ମଧ୍ୟ ଗତ ବର୍ଷ ବ୍ରିଟେନ ସରକାର ମେଡ଼ିକାଲ ଡିଭାଇସ ପ୍ରମାଣ ପତ୍ର ଦେଇଥିଲା। ଏହି ପ୍ରମାଣ ପତ୍ର ହାସଲ କରିଥିବା ପ୍ରଥମ ମାନସିକ ସ୍ୱାସ୍ଥ୍ୟ ଚାଟବଟ। କିନ୍ତୁ କିଛି ସ୍ୱାସ୍ଥ୍ୟ ମନୋବୈଜ୍ଞାନିକ ମତରେ ଏହିପରି ଏଆଇ ଥେରାପିଷ୍ଟ ଗୁଡ଼ିକ ରୋଗୀଙ୍କୁ ଖରାପ ପରାମର୍ଶ ଦେଇପାରେ। କିନ୍ତୁ ଚିକିତ୍ସା ଜଗତ ଏହି ଚାଟବଟ ଗୁଡ଼ିକୁ ଧୀରେ ଧୀରେ ଉପକରଣ ରୂପେ ସ୍ୱୀକାର କରିବା ଆରମ୍ଭ କରିଛନ୍ତି।


ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩


# ସୁଖର ସନ୍ଧାନେ


ଇଂ.ସଚ୍ଚିଦାନନ୍ଦ ନନ୍ଦ


ମଣିଷ ସୁଖୀ ହେବାକୁ ଚାହେଁ କିନ୍ତୁ ସବୁ କ୍ଷେତ୍ରରେ ସବୁ ଦୃଷ୍ଟିରୁ ସର୍ବତୋଭାବେ ସୁଖୀ ହୋଇପାରେ ନାହିଁ । ମଣିଷ ଯାହା ଚାହୁଁଛ ତାହା ହାସଲ କରିବା ପାଇଁ ପ୍ରାଣପଣେ ଉଦ୍ୟମ କରୁଛି । ତେବେ ସୁଖୀ ହୋଇପାରିବ ନାହିଁ କାହିଁକି ? କ'ଣ ତ ଚାହିଁବାଟା ଦୁର୍ବଳ ଚାହିଁବା ବା ବାରମ୍ବାର ବିଫଳ ହୋଇସାରିବା ପରେ ତା'ର ମନବଳ ଭାଙ୍ଗି ଯାଉଛି । ବିଫଳ ହେବା ମଧ୍ୟ ଗୋଟିଏ ଭଲ ଶିକ୍ଷା । ସେ ଜାଣିପାରୁଥିବ ଯେ ସୁଖୀ ହେବା ତା'ହାତ ମୁଠାରେ ନାହିଁ । ଏବେ ଅନ୍ତତଃ ପକ୍ଷେ ସେ ଅନୁସନ୍ଧାନ କୁ ଯେ ବିଫଳତାର କାରଣ କ'ଣ ?

ଏ ସମୟର ସର୍ବୋଚ୍ଚ ଜ୍ଞାନ ସମ୍ପନ୍ନ ଅବତାର ଶ୍ରୀ ସତ୍ୟସାଇ ବାବାଙ୍କର ଉତ୍ତର ପୁରାପୁରି ଠିକ୍ ଭଳି ମନେହୁଏ । ତାଙ୍କ ଶିକ୍ଷାକୁ କାମରେ ଲଗାଇଲେ ତାହା କେତେ ପ୍ରଭାବଶାଳୀ ଆମେ ଉପଲବ୍ଧି କରିପାରିବା । ମଣିଷ ଭାବିଥାଏ ସେ ଯାହା ଚାହିଁଛି ତାହା ପାଇଗଲେ ସେ ଖୁସି ହେବ । ସେ କିଛି ପାଏ ନାହିଁ ବୋଲି କହି ହେବନାହିଁ । ଆମର ଇଚ୍ଛା କିଛି ହେଲେ ପୂରଣ ହୋଇନାହିଁ ବୋଲି ଆମେ କେବେ କହିପାରିବା ନାହିଁ । ନିଶ୍ଚିତ ଭାବେ କିଛି ଇଚ୍ଛା ପୁରଣା ହୋଇଛି । ତଥାପି ଜଣେ ନିଜକୁ ସୁଖି ବୋଲି ଘୋଷଣା କରିପାରେ ନାହିଁ । କାରଣ କିଛି ଇଚ୍ଛା ପୁରଣ ହୋଇଗଲା ମାତ୍ରେ ଖୁସିରେ ଆଉ ସେତିକି ଇଚ୍ଛା ପୁରଣ ହେବା ଆଶାରେ ତିଆରି ହୋଇଯାଆନ୍ତି ।

ମଣିଷ ଯାହା ସବୁ ଇଚ୍ଛା ସେଗୁଡ଼ିକ ଶାଶ୍ୱତ ବସ୍ତୁ ବା ପଦାର୍ଥ ନୁହେଁ । ତାହା କିପରି ଆମକୁ ଶାଶ୍ୱତ ସୁଖ ଦେଇପାରନ୍ତା ? ତେଣୁ ସେଗୁଡ଼ିକ ମିଳିଗଲେ ମଧ୍ୟ କ୍ଷଣିକ ସୁଖ ପ୍ରଦାନ କରି ଅତିଶୀଘ୍ର ନିଜର ସାମାନ୍ୟ ସାମର୍ଥ୍ୟର ପରିଚୟ ପ୍ରଦାନ କରି ଉଭେଇଯାଆନ୍ତି । ମଣିଷକୁ ପୁନଶ୍ଚ ଅସୁଖି କରି ଦିଅନ୍ତି । ମଣିଷ ଏହା ଉପଲବ୍ଧି କରେ ଏବଂ କୌଣସି ଦୀର୍ଘସ୍ଥାୟୀ ସୁଖପ୍ରଦାନ କଲାଭଳି ବସ୍ତୁ ବା ପଦାର୍ଥ ଆଶାରେ ଜୀବନ ବିତାଏ । କିଛି ଦିନ ପରେ ସେ ଅନୁଭବ କରେ ଯେ ଦୀର୍ଘସ୍ଥାୟୀ ସୁଖଟା, ଚିରସ୍ଥାୟୀ । ସେତେବେଳେ ସେ ଭାବେ ଚିରସ୍ଥାୟୀ ବସ୍ତୁ ହିଁ ଚିରସ୍ଥାୟୀ ସୁଖ ପ୍ରଦାନ କରିପାରେ । ଧୀରେ ଧୀରେ ତାହାର ଜ୍ଞାନ ଉଦୟ ହୁଏ ଏବଂ ସେ ବୁଝିପାରେ ଯେ ସଂସାରରେ ଦେଖାଯାଉଥିବା କୌଣସି ପଦାର୍ଥ ଚିରସ୍ଥାୟୀ ସୁଖ ଦେଇପାରନ୍ତି ନାହିଁ କାରଣ ସେଗୁଡ଼ିକ ନିଜେ ଚିରସ୍ଥାୟୀ ନୁହନ୍ତି । ଏହିଭଳି ଅନୁସନ୍ଧାନ କରୁ କରୁ ସେ ଜାଣିପାରେ ସେ ସ୍ଥାୟୀ ସୁଖ ଖୋଜିବା ଏକ ବ୍ୟର୍ଥ ପ୍ରୟାସ ।

କିନ୍ତୁ କେତେକ ଉଚ୍ଚତର ଜ୍ଞାନ ସମ୍ପନ୍ନ ବ୍ୟକ୍ତି ଅଛନ୍ତି ଯେଉଁମାନେ କହନ୍ତି, ନା, ନା ଏଥିରେ ହତାଶ ହେବାର ନାହିଁ । ଚିରସ୍ଥାୟୀ ସୁଖ ମିଳିବାର ଉପାୟ ଅଛି । ତାହାକୁ ଆପଣାଇଲେ ସୁଖ ସମ୍ଭବ । ଗୀତାଜ୍ଞାନ ଅନୁସାରେ 'ଅନିତ୍ୟଂ ଅସୁଖଂ ଲୋକେ ମେମ୍ ପ୍ରାପ୍ୟ ଭଜସ୍ୱ ମାସ୍' । ଅର୍ଥାତ୍ ଏ ସଂସାରଟା ଅନିତ୍ୟ ଓ ଅସୁଖପୂର୍ଣ୍ଣ, ଯଦି ସୁଖ ଚାହୁଁଛ ଭଗବାନଙ୍କୁ ଭଜ ବା ଖୋଜ । କାରଣ ଏଠାରେ ନିତ୍ୟ ବା ଚିରସ୍ଥାୟୀ ବସ୍ତୁ ଏକମାତ୍ର ଭଗବାନ । ଭଗବାନଙ୍କୁ ଖୋଜାଯାଏ ନିରବତା ମାଧ୍ୟମରେ । ନିରବପର ଗଭୀରତମ ପ୍ରଦେଶରେ ଭଗବାନଙ୍କ କଣ୍ଠସ୍ୱର ଶୁଣାଯାଇଥାଏ । ତାଙ୍କ ନିର୍ଦ୍ଦେଶ ମିଳିଥାଏ । ସେ ଯେହେତୁ ସମସ୍ତ ସୁଖର ଗନ୍ତାଘର ତାଙ୍କୁ ଜୀବନର କେନ୍ଦ୍ର କରିପାରିଲେ ପ୍ରକୃତ ସୁଖ, ଶାଶ୍ୱତ ସୁଖ ଓଝ ଜନ୍ମଜନ୍ମାନ୍ତରର ସୁଖ ପ୍ରାପ୍ତ ହେବାର ଆଶା ସୃଷ୍ଟି ନିଶ୍ଚିତ ହୋଇଯାଏ ।

ଭଗବାନ ଶ୍ରୀସତ୍ୟସାଇ ବାବା କହନ୍ତି, କାମନାବାସନା ହିଁ ଦୁଃଖର କାରଣ । ସେଗୁଡ଼ିକୁ କମାଇ ପାରିଲେ ଦୁଃଖ ହ୍ରାସ ପାଇବ ଓ ସୁଖାନୁଭୂତି ଲାଭ ହେବ । ମଣିଷର ଯାହା ଆବଶ୍ୟକତା ତାହା ପୂରଣ ହେବ ଦରକାର ସେଥିପାଇଁ ଚେଷ୍ଟା କରିବା ଦରକାର । କିନ୍ତୁ କାମନାବାସନା ଜନିତ ବା ଲୋଭର ବଶବର୍ତ୍ତୀ ହୋଇ ମଣିଷ ଯାହାସବୁ କରିବସେ ତାହାର ଫଳ ସମସ୍ତଙ୍କୁ ଜଣା ତାହା ସବୁ ସୁଖ ନିର୍ବାପକ ବ୍ୟବସ୍ଥା । ଭଗବାନ ବାବାଙ୍କ ଅନ୍ୟତମ ଶିକ୍ଷା ହେଉଛି 'ଅନ୍ୟକୁ ସୁଖ ଦେଇପାରିଲେ ମଣିଷ ନିଜେ ସୁଖ ପାଇପାରିବ । ଏହା ପୁରାପୁରି ଠିକ୍ କଥା । ଆମ ଶାସ୍ତ୍ରମାନେ କହିଛନ୍ତି ଯାହା ଦେଇଥିବ ତାହାହିଁ ପାଇବ । ଅନ୍ୟ ଅର୍ଥରେ ଆମର ଯାହା ଦରକାର ତାହା ଅନ୍ୟକୁ ଦେଲେ ଆମେ ପାଇଥାଉ । ଯଦି ସୁଖ ପାଇବାର ଆମର ଲକ୍ଷ୍ୟ ତେବେ ଅନ୍ୟକୁ ସୁଖ ଦେବା ହିଁ ଏକ ନିଶ୍ଚିତ ମାର୍ଗ । ଦେବାକୁ ହେବ ସବୁକଥା ଆମ ଶକ୍ତି ବା କ୍ଷମତା ଭିତରେ ରହିବା ଉଚିତ । ଅନ୍ୟଜଣେ ସୁଖି ହେବାକୁ ଯଦି ଲକ୍ଷ ଲକ୍ଷ ଟଙ୍କା ମାଗୁଥାଏ, କେତେଜଣ ତାହା କରିପାରିବେ ? ବାବାଙ୍କ ଭାଷାରେ ପରୋପକାର ମାଧ୍ୟମରେ ଜଣେ ସୁଖି ହୋଇପାରେ । ପରର ଆତ୍ମା ସନ୍ତୁଷ୍ଟ ହେଲେ ପରମାତ୍ମା ସନ୍ତୁଷ୍ଟ । ସେଥିପାଇଁ ଦରକାର ସନ୍ତୁଷ୍ଟ ବ୍ୟବହାର ଓ ମୂଲ୍ୟବାନ ପରାମର୍ଶ । ଅସହାୟ ବ୍ୟକ୍ତି ଲୋଡୁଥିବା ସେବା ସହାୟତା ପରର ଆତ୍ମାକୁ ତୃପ୍ତି ଦେଇଥାଏ । ଏହି କର୍ମରେ ନିୟୋଜିତ ହେବାକୁ ହେଲେ ସେବାକୁ ସାମାନ୍ୟ ଅଧିକ ନିଃସ୍ୱାର୍ଥପର ହେବାକୁ ପଡ଼ିଥାଏ । ନିଜ ସୁଖ କମାଇ ଅନ୍ୟର ସୁଖପାଇଁ ବ୍ୟବସ୍ଥା କରିବାରେ ପ୍ରକୃତ ସୁଖ ନିହିତ । ମହାପୁରୁଷମାନେ ସମ୍ପୂର୍ଣ୍ଣ ନିଃସ୍ୱାର୍ଥ ଜୀବନ ଯାପନ କରନ୍ତି ଏବଂ ତାଙ୍କ ସମ୍ବଳ ଉପଯୋଗ କରି ଦରିଦ୍ର ଅସହାୟ ମାନଙ୍କ ସେବା କରି ସୁଖ ଓ ଆନନ୍ଦ ପାଇଥାନ୍ତି ।

ଅନ୍ୟ ଏକ ମାର୍ଗ ଅଛି ଅବଶ୍ୟ ସଦାସର୍ବଦା ସନ୍ତୁଷ୍ଟ ରହିବାରେ ସୁଖ ଥାଏ । ଯାହାକୁ ଯାହା ମିଳିଛି ସେଥିରେ ଅସନ୍ତୁଷ୍ଟ ନ ହୋଇ ନିଜ କର୍ମକୁ ଦୋଷାରୋପ ନକରି, ଅନ୍ୟମାନଙ୍କ ସୌଭାଗ୍ୟ ସହ ନିଜ ଅବସ୍ଥାକୁ ତୁଳନା ନକରି, ଯାହା ମିଳିଛି ତାହାକୁ ଭଗବାନଙ୍କ ଉପହାର ମନେକରି ଯିଏ ସନ୍ତୁଷ୍ଟ ରହିପାରେ ସେ ସୁଖି ହୁଏ । ଅବଶ୍ୟ ଯାହା ମିଳିଛି ସେଥିରେ ସନ୍ତୁଷ୍ଟ ହୋଇ କୌଣସି ପରିଶ୍ରମ ନକରିବା, ଆଳସ୍ୟରେ ଜୀବନ ବିତାଇବା ଦ୍ୱାରା ଭଗବାନଙ୍କ ମୂଳ ଉପହାରକୁ ବଞ୍ଚାଇ ପାରିବାନାହିଁ । କର୍ମକୁ ହେଳା କରିବା, କର୍ମର ମହତ୍ତ୍ୱ ନ ବୁଝିବା, ଜୀବନ ଓ କର୍ମ ମଧ୍ୟରେ ଥିବା ସମ୍ପର୍କକୁ ମର୍ଯ୍ୟଦା ନଦେବା ଠିକ୍ ନୁହେଁ । ସୁଖ ପାଇବା ଦିଗରେ ଇନ୍ଦ୍ରିୟ ସଂଯମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନୈତିକ ଜୀବନ ବିନା ସୁଖ ସୁଦୂର ପରାହତ ହୋଇଯିବ । ଭଗବାନ ଶ୍ରୀସତ୍ୟସାଇ ବାବା କହନ୍ତି କୌଣସି ପଦାର୍ଥର ଅପଚୟ ମଣିଷକୁ ସୁଖ ଦେଇପାରିବ ନାହିଁ । ତେଣୁ କିଛି ବି ଅପଚୟ କରନାହିଁ । ବିଶେଷକରି, ଖାଦ୍ୟ, ଧନ, ସମୟ ଓ ଶକ୍ତି କେବେହେଲେ ନଷ୍ଟ ହେବା ଉଚିତ ନୁହେଁ । ବର୍ତ୍ତମାନ ସୁଖରେ ଥିବା ବ୍ୟକ୍ତି ଯଦି ଏଗୁଡ଼ିକର ଅପଚୟ କରେ ତେବେ ସେ ଅବିଳମ୍ବେ ଅସୁଖି ହୋଇଯିବ । ଏହାର ସଦ୍‌ବ୍ୟବହାରରେ ହିଁ ସୁଖ ଏଗୁଡ଼ିକ ନଷ୍ଟ ହେବା ଅର୍ଥ ନିଜର ସୁଖ ନଷ୍ଟ ହେବା ।

ସୁଖର ସଂଜ୍ଞା ଦେବାକୁ ଯାଇ ଭଗବାନ ବାବା କହନ୍ତି 'ଭଗବାନଙ୍କ ସହ ସଂଯୁକ୍ତ ହେବା ହିଁ ସୁଖ' । ଏହା ସାଧାରଣ ଲୋକଙ୍କ ପକ୍ଷେ ସମ୍ଭବ ନୁହେଁ, ସାଧକ ମାନଙ୍କ ପକ୍ଷେ ବି କଷ୍ଟକର । ତଥାପି ସଫଳତାର ଆଶା ଅଛି । ଭଗବାନଙ୍କ ସହ ସଂଯୁକ୍ତ ହେବାର ମାର୍ଗରେ ଚାଲିଲେ ଯଥେଷ୍ଟ, ପରିଶେଷରେ ତାହା ଆମକୁ ନେଇ ଗନ୍ତବ୍ୟ ଲକ୍ଷରେ ପହଞ୍ଚାଇ ଦେବ । ସେ ମାର୍ଗରେ ଥିବା ବିଭିନ୍ନ ସୋପାନ ଗୁଡ଼ିକ ନବଧାଭକ୍ତି । ମୁଖ୍ୟତଃ ଭଜନ, କୀର୍ତ୍ତନ, ଦାସ୍ୟଭାବ, ସେବକ ଭାବେ ଜୀବନ ଯାପନକରୁ କରୁ ସାଧାରଣ ବ୍ୟକ୍ତି ସାଧକ ପାଲଟି ଯିବ ଓ ସାଧକ ମୁମୁକ୍ଷୁ ଓ ମୁମୁକ୍ଷୁ ଜୀବନର ଲକ୍ଷ ସୁଖଶାନ୍ତି ପ୍ରାପ୍ତି ହୋଇପାରିବ ।


ସଂପାଦକ, 'ଶ୍ରୀ ସତ୍ୟସାଇ ବାଳବିକାଶ', ଅଲିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫

## ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଜୋତା ଫିଙ୍ଗିବା ଘଟଣାକୁ ନେଇ କଳାହାଣ୍ଡିରେ ତୀବ୍ର ପ୍ରତିକ୍ରିୟା

ଭବାନୀପାଟଣା, (ମହାଭାରତ )-ଦେଶର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ବି. ଆର ଗଭାଇଙ୍କୁ କୋର୍ଟରୁମ ଭିତରେ ଜୋତା ଫିଙ୍ଗି ଆକ୍ରମଣ ଘଟଣାକୁ ନେଇ ସାରା ଦେଶରେ ବିରୋଧାଭାସ ଦେଖିବାକୁ ମିଳିଛି। ଦେଶର ବିଭିନ୍ନ ରାଜନୈତିକ ଓ ସାମାଜିକ ସଂଗଠନ ପକ୍ଷରୁ ଏହାକୁ ନେଇ ଜୋରଦାର ପ୍ରଦର୍ଶନ କରାଯାଉଛି। ପ୍ରଧାନ ବିଚାରପତି ଜଣେ ଦଳିତ ସମ୍ପ୍ରଦାୟର ହୋଇଥିବାବେଳେ ତାଙ୍କୁ ଆକ୍ରୋଶମୂଳକ ଭାବେ ଆକ୍ରମଣ କରିଥିବା ଆଇନଜୀବୀ ରାକେଶ କିଶୋରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଜୋର ଧରିଛି। ସମ୍ବିଧାନର ସର୍ବୋଚ୍ଚ ସୁରକ୍ଷାଦାତା ଅର୍ଥାତ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ଉପରେ ଆକ୍ରମଣ ସମଗ୍ର ଦେଶର ବହୁଜନ ସମାଜ ଉପରେ ଆକ୍ରମଣ ବୋଲି ଦର୍ଶାଇବା ସହିତ ଅଭିଯୁକ୍ତ ଆଇନଜୀବୀ ତଥା ତାଙ୍କ ପୂର୍ବରୁ କଥାବାଚକ ଅନିରୁଦ୍ଧାଚାର୍ଯ୍ୟ ତାଙ୍କୁ ଖୋଲାଖୋଲି ଧମକ ଦେବା ଘଟଣାରେ କେନ୍ଦ୍ର ଗୃହ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛି ଅନୁସୂଚିତ ଜାତି ଓ ଜନଜାତି ଆଇନଜୀବୀ ସଂଘ। ଆଜି କଳାହାଣ୍ଡି ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ଆଇନଜୀବୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ବୈତୁରା ଦୀପଙ୍କୁ ସାକ୍ଷାତ କରି ତାଙ୍କ ଜରିଆରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା କେବଳ ଦେଶର ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ପ୍ରତି ନୁହେଁ ଦେଶର ସମ୍ବିଧାନ, ସାରା ଦେଶର ସଂଖ୍ୟାବହୁଳ ଅନୁସୂଚିତ ଜାତି ଓ ଜନଜାତିଙ୍କ ପ୍ରତି ଘୋର ଅପମାନ ବୋଲି କହିବା ସହିତ ଏହି ଘଟଣାରେ ଦେଶର ରାଷ୍ଟ୍ରପତି ହସ୍ତକ୍ଷେପ କରିବାକୁ ସେମାନେ ଦାବି କରିଛନ୍ତି। ସଂଘ ପକ୍ଷରୁ ଧର୍ମେନ୍ଦ୍ର ନାଏକ, ସୀମା□ଳ ନାଏକ, ଦିଗାମ୍ବର ଦୁରିଆ, ବିନୋଦ କୁମାର ନାୟକ, ଛବିଲାଲ ନିଆଲ, ମଣ୍ଟୁ ନାଏକ, ମନୋଜ କୁମାର ନାଏକ, ବିମ୍ବାଧର ନାଏକ, ଗଣପତି ନାଏକ, ଗୌରଚନ୍ଦ୍ର ନାଏକ, ସଚ୍ଚିଦାନନ୍ଦ ମହାକୁଡ଼, ଯୁଧିଷ୍ଠିର ବାଗ, ଗୋରେଖ ନାଏକଙ୍କ ସମେତ ଲିଙ୍ଗରାଜ ଆଜାଦ, ଯତୀନ୍ଦ୍ର କର, ଢଗ ନାଏକ,କୀର୍ତ୍ତନ ନାଏକ ଯାଦବ, ସୁଶାନ୍ତ ଜାଲ, ଦୁର୍ଯ୍ୟୋଧନ ଠାକୁର, ଦିଗାମ୍ବର ଲୁହା, କ୍ଷୀରସିନ୍ଧୁ ନାଏକ, ସଚିକାନ୍ତ ବାଗ, ଉଦିଆ ସୁନା, ଜୟଦ୍ରଥ ମହାନନ୍ଦ, ଅନନ୍ତ ସୁନାନୀ, ପ୍ରଦୀପ ନାଏକ, ଲୋକନାଥ ନାଏକ ଏବଂ ଜିଲ୍ଲାର ବିଭିନ୍ନ ସାମାଜିକ ଓ ଗଣ ସଂଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ।

## ସୀମା ଟପୁଛି ମହିଳାଙ୍କ ଉପରେ ଯୌତୁକ ନିର୍ଯ୍ୟାତନା

# ଦେଢ଼ ବର୍ଷରେ ୧୩ ହତ୍ୟା, ୨୩୪ଙ୍କୁ ନିର୍ଯ୍ୟାତନା, ୩ ଗଣଦୁଷ୍କର୍ମର ଶିକାର




ନୟାଗଡ଼, ( ମହାଭାରତ ) : ମହିଳାଙ୍କ ସୁରକ୍ଷା ପାଇଁ ଆଇନର ବ୍ୟବସ୍ଥା ଯେତିକି ଯେତିକି ଦୃଢ଼ ହେଉଛି, ଏହାକୁ ତାଳ ଦେଇ ଅପରାଧ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ବିଶେଷ କରି ଯୌତୁକ ଯୋଗୁ ମହିଳା ମାନେ ଅଧିକ ନିର୍ଯ୍ୟାତନାର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଏହାକୁ ବାଦ୍ ଦେଲେ ଅନ୍ୟାନ୍ୟ କାରଣରୁ ମଧ୍ୟ ମହିଳା ମାନଙ୍କୁ ମାନସିକ ଓ ଶାରୀରିକ ସ୍ତରରେ ଅଧିକ ନିର୍ଯ୍ୟାତନା ଦିଆଯାଉଥିବା ଜଣାପଡ଼ିଛି। ଗତ ଦେଢ଼ ବର୍ଷ ମଧ୍ୟରେ ଯୌତୁକ ଯୋଗୁ ହତ୍ୟା, ଆତ୍ମହତ୍ୟା, ନିର୍ଯ୍ୟାତନା ସହ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଏବଂ ଗଣଦୁଷ୍କର୍ମ ବଢ଼ିବଢ଼ି ଚାଲିଛି। ଯଦିଓ ଏମିତି ଅପରାଧ ଘଟାଉଥିବା ଅଭିଯୁକ୍ତ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି, ତଥାପି ମହିଳାଙ୍କ ଉପରେ ନିର୍ଯ୍ୟାତନା ମହାମାରୀ ଭାବେ ମାଡ଼ି ଚାଲିଛି। ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୪ରୁ ଚଳିତ ବର୍ଷ ଜୁଲାଇ ପର୍ଯ୍ୟନ୍ତ ନୟାଗଡ଼ ଜିଲ୍ଲାରେ ଯୌତୁକ ପାଇଁ ୧୩ ଜଣଙ୍କୁ ହତ୍ୟା କରାଯାଇଥିବା ବେଳେ ୫ ଜଣ ଆତ୍ମହତ୍ୟା କରିଛନ୍ତି ଓ ୨୩୪ ଜଣଙ୍କୁ ଅଧିକ ଯୌତୁକ ଦାବିରେ ନିର୍ଯ୍ୟାତନା ଦିଆଯାଇଛି। ସେହିପରି ବିଭିନ୍ନ କାରଣରୁ ୧୨୮ ଜଣଙ୍କୁ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦିଆଯାଇଥିବା ବେଳେ ୩ ଜଣ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ସେଥିମଧ୍ୟରୁ ୨୦୨୪ରେ ୭ ଜଣଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ବେଳେ ୫ ଜଣ ଆତ୍ମହତ୍ୟା କରିଛନ୍ତି। ଯୌତୁକ ପାଇଁ ୧୩୧ ଜଣଙ୍କୁ ନିର୍ଯ୍ୟାତନା ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ କରାଯାଇଛି। ଥାନାରେ ରୁଜୁ ହେଉଥିବା ଯୌତୁକ ଜନିତ ମାମଲାକୁ ବାଦ୍ ଦେଲେ ବିଭିନ୍ନ କାରଣ ପାଇଁ ୭୨ ଜଣ ମାନସିକ ଓ ଶାରୀରିକ ସ୍ତରରେ ନିର୍ଯ୍ୟାତନାର ଶିକାର ହୋଇଛନ୍ତି। ୨୦୨୫ ଜୁଲାଇ ପର୍ଯ୍ୟନ୍ତ ଯୌତୁକ ପାଇଁ ୬ ଜଣଙ୍କୁ ହତ୍ୟା କରାଯାଇଥିବା ବେଳେ ୧୦୧ ଜଣଙ୍କୁ ନିର୍ଯ୍ୟାତନା ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହାସହ ବିଭିନ୍ନ କାରଣରୁ ୫୬ ଜଣଙ୍କୁ ମାନସିକ ଓ ଶାରୀରିକ ସ୍ତରରେ ନିର୍ଯ୍ୟାତନା ଦିଆଯାଇଥିବା ବେଳେ ଜଣେ ଗଣଦୁଷ୍କର୍ମର ଶିକାର ହୋଇଛନ୍ତିୟ ମାତ୍ର ଚଳିତ ବର୍ଷ ଏହି ସମୟ ମଧ୍ୟରେ ଗୋଟିଏ ହେଲେ ବି ଯୌତୁକ ପାଇଁ ଆତ୍ମହତ୍ୟା ମାମଲା ଥାନାରେ ରୁଜୁ ହୋଇ ନାହ। ମାତ୍ର ଅନ୍ୟ ସମସ୍ତ ଘଟଣାକୁ ଦୃଷ୍ଟିକୁ ନେଲେ ଦିନକୁ ଦିନ ମହିଳାଙ୍କୁ ନିର୍ଯ୍ୟାତନା ବଢ଼ିବାରେ ଲାଗିଛି ବୋଲି ଜଣାପଡ଼ିଯାଉଛି। ଜିଲ୍ଲାରେ ମହିଳାଙ୍କ କ୍ଷେତ୍ରରେ ଘଟୁଥିବା ଅଧିକାଂଶ ଅପରାଧ ଥାନାକୁ ଆସେ ନାହିଁ। ଏଣୁ ଯେତିକି ବି ଥାନାକୁ ଆସୁଛି, ଏହାର ପରିସଂଖ୍ୟାନ ମଧ୍ୟ ବେଶ୍ ଚିନ୍ତାଜନକ ବୋଲି କୁହାଯାଉଛି। ଅନ୍ୟପଟେ ମହିଳା ଓ ଶିଶୁଙ୍କ ବିରୋଧରେ ଘଟୁଥିବା ଅପରାଧକୁ ବେଶ୍ ଗୁରୁତ୍ୱର ସହ ନିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ଜିଲ୍ଲା ପୁଲିସ ପକ୍ଷରୁ କୁହାଯାଉଛ। ନିଖୋଜ ହୋଇଯାଉଥିବା ନାବାଳିକା, ଯୁବତୀ ଓ ମହିଳାଙ୍କ ଉଦ୍ଧାର କାର୍ଯ୍ୟକୁ ସର୍ବଦା ତ୍ୱରାନ୍ୱିତ କରାଯାଉଛି। ତଥାପି ଯେଉଁମାନେ ନିର୍ଯ୍ୟାତନାର ଶିକାର ହେଉଛନ୍ତି, ସେମାନେ ତୁରନ୍ତ ଥାନାରେ ଦ୍ୱାରସ୍ଥ ହୋଇ ଅଭିଯୋଗ କରିବା ଆବଶ୍ୟକ।ସେମାନଙ୍କୁ ଜିଲ୍ଲା ପୁଲିସ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛ।

## ଏକତରଫା ପ୍ରେମ ଯୋଗୁଁ ସ୍ୱାମୀକୁ ହତ୍ୟା ଉଦ୍ୟମ: ତିନି ଗିରଫ



ଟିଟିଲାଗଡ଼ (ବଲାଙ୍ଗୀର),: ଏକତରଫା ପ୍ରେମ ରୋଗରେ ଅନ୍ଧ ହୋଇ ଜଣେ ବ୍ୟବସାୟୀ ତାଙ୍କ ପ୍ରେମିକାଙ୍କ ସ୍ୱାମୀକୁ ହତ୍ୟା କରିବାକୁ ସୁପାରୀ କିଲର ନିଯୁକ୍ତ କରିଥିବା ଘଟଣା ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ଅଞ୍ଚଳରେ ଭାରି ଚାଞ୍ଚଲ୍ୟ ସୃଷ୍ଟି କରିଛି ।ଘଟଣାର ମୁଖ୍ୟ ଅଭିଯୁକ୍ତ ଅଙ୍କୁର ଅଗ୍ରୱାଲ, ଟିଟିଲାଗଡ଼ର ଜଣେ ମୋବାଇଲ ସିମ ବ୍ୟବସାୟୀ, ବର୍ଷେ ପୂର୍ବରୁ ଏକ ବିବାହିତ ମହିଳା ପ୍ରତି ଅନୁରାଗ ଜନେଇଥିଲେ । ସେ ମହିଳାଙ୍କ ସ୍ୱାମୀ ସନ୍ତୃପ୍ତି ହୋଟେଲର ମାଲିକ ଶିବ ଦୟାଲ ଜୈନ ଥିଲେ।ତାଙ୍କ ପ୍ରେମ ଅସ୍ୱୀକୃତ ହେବା ପରେ, ଅଙ୍କୁର ଅଗ୍ରୱାଲ ବିଭିନ୍ନ ମିଥ୍ୟା ଇନଷ୍ଟାଗ୍ରାମ ଆକାଉ□ ସୃଷ୍ଟି କରି ଜୈନଙ୍କ ସ୍ତ୍ରୀଙ୍କ ଛବି ଓ ମର୍ଯ୍ୟାଦାକୁ ବଦନାମ କରିବା ଚେଷ୍ଟା କରୁଥିଲେ । ସେ ବିଭିନ୍ନ ସିମ କାର୍ଡ ଦ୍ୱାରା ଏହି ଭୁଆ ଖାତାଗୁଡ଼ିକ ଖୋଲି ଦୁଇ ପତିପତ୍ନୀଙ୍କ ମଧ୍ୟରେ ଭିନ୍ନତା ସୃଷ୍ଟି କରିବାରେ ଲିପ୍ତ ଥିଲେ । ତଥାପି ଯେତେବେଳେ ସେମାନଙ୍କ ବିଚ୍ଛେଦ ଘଟିଲା ନାହିଁ ଓ ତାଙ୍କ ଏକତରଫିଆ ପ୍ରେମ ବିଫଳ ହେଲା, ସେ ଜୈନଙ୍କୁ ହତ୍ୟା କରିବାକୁ ଏକ ଷଡଯନ୍ତ୍ର ରଚିଥିଲେ । ଏହି ଉଦ୍ଦେଶ୍ୟରେ ସେ ଭକ୍ତବନ୍ଧୁ ଖରସେଲ ଓ ନରେଶ ବେହେରା ନାମକ ଦୁଇଜଣଙ୍କୁ ୫ ଲକ୍ଷ ଟଙ୍କା ସୁପାରୀ ଦେଇ ବେନାମୀ ବଲେରୋ ଗାଡ଼ି ଦ୍ୱାରା ଶିବ ଜୈନଙ୍କୁ ଚେପାଇ ହତ୍ୟା କରିବା ଯୋଜନା କରିଥିଲେ ।ସେମାନେ ମଧ୍ୟ ୫୦,୦୦୦ ଅଗ୍ରିମ ଟଙ୍କା ଗ୍ରହଣ କରିଥିଲେ ବୋଲି ପୋଲିସ ତଦନ୍ତରେ ଜଣାପଡ଼ିଛି ।ଘଟଣା ଦିନ ସହରରେ ଏକ ବିନା ନମ୍ବର ବଲେରୋ ଗାଡ଼ି ଶିବ ଜୈନଙ୍କୁ ପିଛା କରୁଥିବା ସିସିଟିଭି ଫୁଟେଜରେ ସ୍ପଷ୍ଟ ଧରାପଡ଼ିଛି । ଏକ ଛକ ନିକଟରେ ଗାଡ଼ି ଧକ୍କା ଦେବା ପରେ ଶିବ ଜୈନ ଗୁରୁତର ଅବସ୍ଥାରେ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲକୁ ଭର୍ତ୍ତି କରିଥିଲେ ।ଟିଟିଲାଗଡ଼ ପୋଲିସ ତଦନ୍ତ ଆରମ୍ଭ କରି, ସିସିଟିଭି ଫୁଟେଜ, ମୋବାଇଲ ତଥ୍ୟ ଓ ବିଭିନ୍ନ ସାକ୍ଷ୍ୟ ଆଧାରରେ ଅଙ୍କୁର ଅଗ୍ରୱାଲ ସହ ତାଙ୍କ ଦୁଇ ସହଯୋଗୀଙ୍କୁ ଗିରଫ କରିଛି । ତିନିଜଣଙ୍କ ନିକଟରୁ ଗାଡ଼ି, ସିମ କାର୍ଡ ଓ ଆଲୋଚନା ସମ୍ପର୍କୀୟ ପ୍ରମାଣ ଜବତ କରାଯାଇଛି ।ବଲାଙ୍ଗୀର ଆରକ୍ଷୀ ଅଧକ୍ଷ ଏକ ସାମ୍ବାଦିକ ସମ୍ମିଳନୀ କରି ସମଗ୍ର ଘଟଣାର ବିବରଣୀ ଦେଇ, ଟିଟିଲାଗଡ଼ ପୋଲିସ ଦଳର ତଦନ୍ତ ସଫଳତାକୁ ପ୍ରଶଂସା କରିଛନ୍ତି।

## ଇଫକୋର ସହଯୋଗୀ କୋର୍ଡେଟ ର ୪୮ତମ ପ୍ରତିଷ୍ଠା ଦିବସ ଓ ଆଲୋଚନାଚକ୍ର ଆୟୋଜିତ




ପାରାଦୀପ - ଇଫକୋର ସହଯୋଗୀ କୃଷି ସମ୍ପର୍କିତ ସଚେତନତା ଧର୍ମୀ ଅନୁଷ୍ଠାନ କୋଅପରେଟିଭ ରୁରାଲ ଡେଭଲପମେ□ ଟ୍ରଷ୍ଟ (କୋର୍ଡେଟ) ର ୪୮ତମ ପ୍ରତିଷ୍ଠା ଦିବସ ଓ କୃଷି ସମ୍ପର୍କିତ ଆଲୋଚନାଚକ୍ର ଗୁରୁବାର ଦିନ ଇଫକୋ ପାରାଦୀପ ପରିସରରେ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି କ୍ଷ ଇଫକୋ ଓ କୋର୍ଡେଟ ର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇଫକୋ ପାରାଦୀପ ୟୁନିଟ ମୂଖ୍ୟ ପି.କେ.ମହାପାତ୍ର ମୂଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦଘାଟନ କରିଥିଲେ କ୍ଷ ନିଜ ବକ୍ତବ୍ୟରେ ଶ୍ରୀ ମହାପାତ୍ର ନାନୋ ସାରର ଭୂମିକା ଓ କୃଷିରେ ଆଶାଜନକ ଉତ୍ପାଦନ ଉପରେ ଗୁରୁତ୍ୱାରୋପ କରିଥିଲେ କ୍ଷ ନାନୋ ସାର କିପରି ମୃ□କା ର ଉର୍ବରତା ବୃଦ୍ଧି କରେ ଏବଂ ଉତ୍ପାଦକତାରେ ଉନ୍ନତି ଆଣେ ଏବଂ ଚାଷୀ ମାନଙ୍କୁ ଆର୍ଥିକ ଓ ପରିବେଶଗତ ଭାବରେ ଲାଭ ପହ□ାଇଥାଏ ସେ ସମ୍ପର୍କରେ ଶ୍ରୀ ମହାପାତ୍ର ଆଲୋକପାତ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଓୟୁଏଟିର ପ୍ରଫେସର ଡ଼଼.ଆର.କେ.ନାୟକ, କଟକ ସିଆରଆରଆଇ ବରିଷ୍ଠ ମୃ□କା ବିଜ୍ଞାନୀ ଡ଼଼.ସଂଗୀତା ମହାନ୍ତି, କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ର କୃଷି ଅଧିକାରୀ ପ୍ରଦୋଷ କୁମାର ବେହେରା, କୁଜଙ୍ଗ ବ୍ଲକ କୃଷି ଅଧିକାରୀ ସୀତାରତ୍ନମାଳି ଦାସ, ଇଫକୋ ଅଧିକାରୀ ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ଯୋଗଦେଇ କୃଷି ଉତ୍ପାଦନ ବୃଦ୍ଧି ପାଇଁ ରସାୟନିକ ସାର ପରିବ□ ପରିବେଶ ଉପଯୋଗୀ ଇଫକୋ ର ନାନୋ ସାର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ କ୍ଷ ଏହି ଅବସରରେ କୋର୍ଡେଟ ର ଅଧକ୍ଷ କୁଳମଣି ମାଝି ସମସ୍ତଙ୍କୁ ସ୍ୱାଗତ କରି ଚାଷୀ ସମ୍ପ୍ରଦାୟର କଲ୍ୟାଣ ପାଇଁ କୋର୍ଡେଟ ର ନିରନ୍ତର ପ୍ରୟାସ ଓ ଯାତ୍ରା ବିଷୟରେ ବିବରଣୀ ପ୍ରଦାନ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମକୁ ଇଫକୋର ଜୟନ୍ତ ଜେନା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ନାନୋର ମହାପ୍ରବନ୍ଧକ ଏସ.ପି.ରଥ, ପରିବହନ ଯୁଗ୍ମ ମହାପ୍ରବନ୍ଧକ ବି.କେ.ମିଶ୍ର,ସୁରକ୍ଷା ମୂଖ୍ୟ ପରିଚାଳକ ରାକେଶ ପାଣ୍ଡେ, ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ତ କୁମାର ବେଉରା ଏବଂ ଇଫକୋ ଅଫିସର୍ସ ସଂଘର ସଭାପତି ସୁଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଏଥିରେ ୨୫୦ ରୁ ଉର୍ଦ୍ଧ ପ୍ରଗତିଶୀଳ କୃଷକ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିବା ବେଳେ ଉପସ୍ଥିତ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକଙ୍କୁ ୫୦୦ ଏମଏଲ ନାନୋ ସାର ବୋତଲ ପ୍ରଦାନ କରାଯାଇଥିଲା କ୍ଷ ତେବେ କୃଷିରେ ନବସୃଜନ ଉପରେ ଗୁରୁତ୍ୱ ଏବଂ ଓଡ଼ିଶାରେ ଚାଷୀ ମାନଙ୍କୁ ସଶକ୍ତ କରିବା ଓ ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ପ୍ରତି ଇଫକୋ ଓ କୋର୍ଡେଟ ର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଛି କ୍ଷ

## ୟୁଟ୍ୟୁବର ଙ୍କ ନାମରେ କୋଣାର୍କ ଗଣନାଟ୍ୟ ମାଲିକ ଙ୍କ ଅଭିଯୋଗ

କଳିଙ୍ଗନଗର:( ମହାଭାରତ) (ପିପିଏସ ) ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନାରେ ଯାତ୍ରାପାର୍ଟୀ ମାଲିକଙ୍କ ଦ୍ୱାରା ଏକ ସାଇବର ଅପରାଧ ବିରୋଧରେ ରୁଜୁ ହେଲା ମାମଲାୟ କୁମାର ପ୍ରତକ୍ଷନ ନାମକ ଏକ ୟୁଟ୍ୟୁବର ସଂସ୍ଥା ଦ୍ୱାରା ଏହି ସାଇବର ଅପରାଧ କରାଯାଇଥିବା ଅଭିଯୋଗ ହୋଇଛି। କୋଣାର୍କ ଗଣନାଟ୍ୟର ମାଲିକ ଭାରତ ଭୁଷଣ ଦେଓ ଏଭଳି ଅଭିଯୋଗ ଆଣିଛନ୍ତ। ଅଭିଯୋଗ ମୁତାବକ ଏହି ୟୁଟ୍ୟୁବର ସଂସ୍ଥାକୁ ପରିଚାଳନା କରୁଥିବା ଜଣେ ଅଜଣା ବ୍ୟକ୍ତି ବେଆଇନ ଭାବେ ତାଙ୍କ ସୋସିଆଲ ମିଡିଆ ୟୁଟ୍ୟୁବ୍ ଆକାଉ□ରେ ନୂଆ ଯାତ୍ରା ବହିକୁ ସୁଟିଂ କରି ଅପଲୋଡ କରିଥିବା ଘଟଣା ସାମ୍ନାକୁ ଆସିଛି।। ତାହାର ଅସଦ ଉପଯୋଗ କରିଛନ୍ତି।ଅଭିଯୋଗକାରୀଙ୍କ କହିବା ଅନୁସାରେ, ସେହି ସାଇବର ଅପରାଧୀ ତାଙ୍କ ଯାତ୍ରାପାର୍ଟୀ ଦ୍ୱାରା ବିଭିନ୍ନ ମଞ୍ଚରେ ମଞ୍ଚସ୍ଥ ହୋଇଥିବା ଏକ ନୂଆ ନାଟକ ତୁ ବୋଧେ ମୋ ଭାଗ୍ୟରେ ନାହୁଁ ର ପ୍ରାୟ ୪ ଘଣ୍ଟା ଅବଧିର ସମ୍ପୂର୍ଣ୍ଣ ନାଟକ ଟିକୁ ଚୋରାଣିଆ ଭାବେ ଭିଜୁଆଲ ସଂଗ୍ରହ କରି ୨୪ଘ□ା ତଳୁ ଏହାକୁ ତାଙ୍କ ୟୁଟ୍ୟୁବ୍ ଆକାଉଣ୍ଟରେ ଅପଲୋଡ଼ କରି ଭ୍ୟୁଅରସ ବଢାଇ ଚାଲିଛନ୍ତି। ତାଙ୍କ ବିନା ଅନୁମତିରେ କିମ୍ବା ବିନା ପରାମର୍ଶରେ ଏପରି କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ତାଙ୍କ ବ୍ୟବସାୟ ବିଶେଷ ଭାବେ ପ୍ରଭାବିତ ହୋଇଥିବା ସେ ଦର୍ଶାଇଛନ୍ତି। ତୁରନ୍ତ ଏହି ଆକାଉ□ କୁ ଅସିଦ୍ଧ ଘୋଷଣା କରି ଏହାକୁ କଳା ତାଲିକା ଭୁକ୍ତ କରିବା ସହିତ ସମ୍ପୃକ୍ତ ସାଇବର ଅପରାଧୀଙ୍କୁ ଗିରଫ କରିବାକୁ ଗଣନାଟ୍ୟ ମାଲିକ ପୋଲିସ ନିକଟରେ ଆପତ୍ତି ଜଣାଇଛନ୍ତି। ସେପଟେ କଳିଙ୍ଗନଗର ପୋଲିସ ଏ ସମ୍ପର୍କରେ ଯାଜପୁର ଏସ୍ପିଙ୍କୁ ଅବଗତ କରାଇବା ସହିତ ସାଇବର କ୍ରାଇମ ସେଲକୁ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇଛନ୍ତି।ପୋଲିସ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଥିବା ବେଳେ ପୋଲିସ ଉଚ୍ଚ ସ୍ତରର ଟେକ୍ନିକାଲ ଟିମ୍ଭ ଯୋଡ଼ି ଆଇପି ଆଡ୍ରେସ ଓ ଆକାଉଣ୍ଟ ବିବରଣୀ ଖୋଜାଯାଉଛି।

## ବିଶ୍ୱ ଅଣ୍ଡା ଦିବସ ପାଳିତ

କେନ୍ଦୁଝର,(ମହାଭାରତ): ଅକ୍ଟୋବର ମାସ ଦ୍ୱିତୀୟ ଶୁକ୍ରବାର ତଥା ଆଜି ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଯାଇଛି । ଏହି ଆନୁକୂଲ୍ୟରେ ମନୋଜ ମଞ୍ଜରୀ ଶିଶୁ ଭବନଠାରେ ୧୦୦ ଜଣ ଅନ୍ତେବାସୀଙ୍କୁ ଅଣ୍ଡା ଏବଂ କଦଳୀ ବଂଟନ କରାଯାଇଥିଲା । ସେଠାରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ,ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଚନ୍ଦ୍ରଶେଖର ରଥ ଏବଂ ଶିଶୁ ଭବନର ସଂପାଦକ ସତ୍ୟନାରାୟଣ ମିଶ୍ର ଅଣ୍ଡାର ଉପାଦେୟତା,ଅନ୍ତର୍ନିହିତ ଗୁଣ ଏବଂ ଆବଶ୍ୟକତା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ଅବଗତ କରିଥିଲେ। ଏହାପରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲ୍ଲାର ଅଗ୍ରଣୀ ଚାଷୀ ଓ ଆଶାୟୀ ଚାଷୀଙ୍କ ସମାଗମରେ ସମସ୍ତ ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତିରେ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ସାମଲ,ଜିଲ୍ଲା ଶିଳ୍ପ ପ୍ରତିଷ୍ଠାନର ଉପ ପରିଚାଳକ ମାନସ କୁମାର ନାୟକ,ମହିଳା ଓ ଶିଶୁ କଲ୍ୟାଣ ଅଧିକାରିଣୀ ଚୁଳେଶ୍ୱରୀ ପଟେଲ ଯୋଗଦେଇ ଅଣ୍ଡାର ଗୁଣବତ୍ତା ଏବଂ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ

ମାଲକାନଗିରି, (ମହାଭାରତ): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ମାଲ୍ୟବନ୍ତ ଛାତ୍ରାବାସ ପ୍ରାଙ୍ଗଣରେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ୨୦୨୫ ପାଳନ ହୋଇଯାଇଛ। ଏହି ସମାରୋହର ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୋମନାଥ ପ୍ରଧାନ ଯୋଗ ଦେଇଥିଲେ ୟ ମୁଖ୍ୟ ଅତିଥି ସୁସ୍ଥ ସମାଜ ଗଠନ ଦିଗରେ ବରିଷ୍ଠ ନାଗରିକ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ନିଜ ମତ ରଖିଥିଲେ ଏବଂ ଯୁବ ପିଢିଙ୍କୁ ଉଚି ମାର୍ଗ ଦର୍ଶନ ଦେବା ନିମନ୍ତେ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକଙ୍କୁ ଆହ୍ୱାନ ଦେଇଥିଲେୟ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀ ନିର୍ମଳ ଧାରୁଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ, ପଦ୍ମରଞ୍ଜନ ଦାସ, ଅବସରପ୍ରାପ୍ତ ଶିକ୍ଷାବି୍, ରବୀନ୍ଦ୍ରନାଥ ମହାରଣା, , ଡ଼ା ଦୁର୍ଗା ପ୍ରସାଦ ରାଜ୍, ଡି ଏସ ପି ଅମେନ ଲାକ୍ରା, ଅଶୋକ ସାମଲ, ସଚିବ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ଦୁର୍ଯ୍ୟାଧାନ ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ସମାରୋହରେ ପ୍ରଥମେ ସମସ୍ତ ବରିଷ୍ଠ ନାଗରିକ ଯୋଗ ଏବଂ ପ୍ରାଣାୟମ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ତତ୍ତ୍ୱାବଧାନରେ ସମସ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ବ୍ଲକ ସ୍ତରୀୟ ବୟସ୍କ ବ୍ୟକ୍ତି ଦିବସ ପାଳନ ସମାରୋହ

ଗଣିଆ, (ମହାଭାରତ): ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଗଣିଆ ବ୍ଲକ ଅଧୀନ ଗଣିଆ ଶିକ୍ଷକ ଭବନ ଠାରେ ଶୁକ୍ରବାର ପୂର୍ବାହ୍ନ ସାଢ଼େ ଦଶଟା ସମୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତଥା ବ୍ଲକ ପ୍ରଶାସନ ଆନୁକୁଲ୍ୟର ବ୍ଲକ ସ୍ତରୀୟ ବୟସ୍କ ବ୍ୟକ୍ତି ଦିବସ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି।ସମ୍ମାନିତ ଅତିଥି ଭାବେ କନ୍ଧମାଳ ସାଂସଦଙ୍କ ଗଣିଆ ବ୍ଲକ ପ୍ରତିନିଧି ଶରତ କୁମାର କର ,ଗଣିଆ ଥାନା ଭାରାପ୍ରାପ୍ତ ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ରତନ ଲାଲ ଲୋହରା, ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମଧୁସୂଦନ ଦାସ, ଗଣିଆ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ରାଉତ ରାୟ, ଗଣିଆ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗିରିଶ ଚନ୍ଦ୍ର ମିଶ୍ର, ଓଡ଼ିଶା ଜୀବିକା ମିଶନ ଶକ୍ତିର ସଂଯୋଜକ ଅମ୍ବିକା ପ୍ରସାଦ ମିଶ୍ର,ମିଶନ ଶକ୍ତିର ସଂଯୋଜକ ପ୍ରଭାକର ଦାସ , ସାମାଜିକ ସୁରକ୍ଷା ଅଧିକାରୀ ପ୍ରଣୟ କୁମାର ନାୟକ ମଞ୍ଚାଷିନ ଥିଲେ । ମଞ୍ଚ ସମ୍ମୁଖରେ ବ୍ଲକ ଅନ୍ତର୍ଗତ ୮ ଗୋଟି ପଞ୍ଚାୟତର ଶତାଧିକ ବୟସ୍କ ବ୍ୟୟଜ୍ୟେଷ୍ଠ ତଥା ବରିଷ୍ଠ ନାଗରିକ ଉପସ୍ଥିତ ରହିଥିଲେ । ସର୍ବପ୍ରଥମେ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ଜଗତର ନାଥ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ଧୂପ ଦୀପ ଓ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ମଞ୍ଚ କାର୍ଯ୍ୟ ଆରମ୍ଭ ହୋଇଥିଲା।

## ଆହାର କେନ୍ଦ୍ର ନବୀକରଣ ପୂର୍ବରୁ ଛକାପଞ୍ଝା

# ଦସ୍ତଖତ କରି ଖାଉଥିବାରୁ ବଢୁଛି ସମସ୍ୟା : କାମ କରୁନି ସିସିଟିଭି, ଆକ୍ୱାଗାର୍ଡ, ଡିସ୍ପ୍ୱାସ




ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା ମୁଖ୍ୟ ହସ୍ପିଟାଲ ନିକଟରେ ଥିବା ଆହାର କେନ୍ଦ୍ର ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଖାଦ୍ୟ ପାଇଁ ଲୋକ ମାନେ ଘଣ୍ଟା ଘଣ୍ଟା ଧରି ଖରାରେ ଛିଡ଼ା ହୋଇ ରହୁଥିବା ବେଳେ ପାନୀୟ ଜଳ ମେସିନ୍ ଠିକ୍ ଭାବେ କାର୍ଯ୍ୟ କରୁନଥିବା ଅଭିଯୋଗ ହୋଇଛି। ଏହା ସହ ଆହାର କେନ୍ଦ୍ରରେ ସିସିଟିଭି ଅକାମି ହୋଇପଡ଼ିଥିବା ବେଳେ ବାସନଧୁଆ ମେସିନଟି ମଧ୍ୟ କାମ କରୁନାହିଁ। ଚଳିତ ମାସରେ ଉକ୍ତ ଆହାର କେନ୍ଦ୍ରର ନବୀକରଣ କରାଯିବ, ସେଥିପାଇଁ ସ୍ୱାଭାବିକ ଭାବେ ଏହି କେନ୍ଦ୍ରକୁ ନେଇ ଏବେ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ନୟାଗଡ଼ରେ ଥିବା ଆହାର କେନ୍ଦ୍ରକୁ ମା’ ଗାୟତ୍ରୀ ସ୍ୱୟଂସହାୟକ ଗୋଷ୍ଠୀ ପରିଚାଳନା କରୁଛି। ପ୍ରତି ବର୍ଷ ଏହି ଆହାର କେନ୍ଦ୍ରର ନବୀକରଣ କରାଯାଉଛି। ନୟାଗଡ଼ ପୌର ପରିଷଦର କାଉନସିଲ ବୈଠକରେ ଏ ନେଇ ନିଷ୍ପ□ ନିଆଯାଏ। ଚଳିତ ମାସରେ ଏହାର ନବୀକରଣ କରାଯିବାକୁ ସ୍ଥିର କରାଯାଇଥିବାରୁ ଏକାଧିକ ଗୋଷ୍ଠୀ ଏହି କେନ୍ଦ୍ରର ଦାୟିତ୍ୱ ନେବା ପାଇଁ ଆଗଭର ହୋଇପଡ଼ିଛନ୍ତି। ଏହି କେନ୍ଦ୍ରରୁ ପ୍ରତ୍ୟେକ ଦିନ ଖାଦ୍ୟ ପ୍ରସ୍ତୁତ କରାଯାଇ ୪ଟି ବ୍ଲକ୍କୁ ଯୋଗାଇ ଦିଆଯାଉଛି। ରଣପୁର, ଦଶପଲ୍ଲା, ଖଣ୍ଡପଡ଼ା ବ୍ଲକ୍କୁ ୩୦୦ ଲେଖାଏଁ ମିଲ୍ ଓ ଓଡ଼ଗାଁକୁ ୩୫୦ଟି ମିଲ୍ ଯୋଗାଇ ଦିଆଯାଉଛି। ଏହାକୁ ବାଦ୍ ଦେଲେ ନୟାଗଡ଼ରେ ଦିନରେ ୯୫୦ ଓ ରାତିରେ ୩୦୦ଟି ମିଲ୍ ତିଆରି କରାଯାଉଛି। ଏଣୁ ପ୍ରତ୍ୟେକ ଦିନ ଏହି କେନ୍ଦ୍ରରେ ୨୫୦୦ ରୁ ୨୬୦୦ ମିଲ୍ ତିଆରି କରାଯାଉଛି। ଜିଲ୍ଲା ହେଉ କି ବ୍ଲକ୍ ମୁଖ୍ୟାଳୟକୁ ବିଭିନ୍ନ କାମ ପାଇଁ ଆସୁଥିବା ଗରିବ ଲୋକ ମାନେ ଏହି କେନ୍ଦ୍ର ଗୁଡ଼ିକରେ ପହଞ୍ଚି ମାତ୍ର ୫ ଟଙ୍କାରେ ଖାଦ୍ୟ ଖାଇପାରୁଛନ୍ତି। ଜିଲ୍ଲା ମୁଖ୍ୟାଳୟରେ ବିଭିନ୍ନ ସରକାରୀ ଦପ୍ତର ସାଙ୍ଗକୁ ହସ୍ପିଟାଲକୁ ଦୈନିଦିନ ଆସୁଥିବା ଶତାଧିକ ଲୋକ ଏହି କେନ୍ଦ୍ରରେ ପହଞ୍ଚୁଥିବା ଦେଖାଯାଏ। ଏଣୁ ସବୁବେଳେ ନୟାଗଡ଼ ସହରରେ ଥିବା ଏହି ଆହାର କେନ୍ଦ୍ରରେ ଭିଡ଼ ହେଉଥିବା ଦେଖିବାକୁ ମିଳେ। ଦିନ ୧୧ଟାରୁ ଏହି କେନ୍ଦ୍ର ଖୋଲୁଥିବା ବେଳେ ୧୨ଟା ୩୦ ସୁଦ୍ଧା ଖାଇବା ଶେଷ ହୋଇଯାଉଥିବା ଦେଖାଯାଏ। ମାତ୍ର କିଛି ମହିଳା ଏହାକୁ ନେଇ ପ୍ରଶ୍ନ କରିବା ସହ ଉକ୍ତ କେନ୍ଦ୍ରକୁ ପରିଚାଳନା କରୁଥିବା ଗୋଷ୍ଠୀ କମ୍ ଖାଦ୍ୟ ପ୍ରସ୍ତୁତ କରିବା ଦ୍ୱାରା ଏମିତି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ଅଭିଯୋଗ କରିଛନ୍ତି। ଏହାର ସମାଧାନ କରିବା ପାଇଁ ପୌର ପରିଷଦ ପକ୍ଷରୁ ଖାଇବା ପାଇଁ ଆସୁଥିବା ଲୋକ ମାନଙ୍କୁ ଦସ୍ତଖତ କରିବା ପାଇଁ କୁହାଯାଇଛି। ଦସ୍ତଖତ କରାଯିବା ଦ୍ୱାରା ବିଳମ୍ବ ହେଉଥିବାରୁ ଅଧିକାଂଶ ଲୋକ ଆହାର କେନ୍ଦ୍ର ସାମ୍ନାରୁ ଫେରି ଯାଉଥିବା ଦେଖିବାକୁ ମିଳୁଛି। ଦୁଇ ଦିନ ହେଲା ସେଥିପାଇଁ ତିନି ଶହରୁ ଅଧିକ ମିଲ୍ ବଳି ଯାଉଥିବା ମା’ ଗାୟତ୍ରୀ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ କୁହାଯାଇଛି। ଏ ନେଇ ପୌର ନିର୍ବାହୀ ଅଧିକାରୀ ସ୍ନେହମୟୀ ଆଚାର୍ଯ୍ୟ କୁହନ୍ତି ଯେ, ଦସ୍ତଖତ କରି ଖାଇବା ଦ୍ୱାରା ଭିଡ଼ ଅଧିକ ହୋଇଯାଉଛି। ସେଥିପାଇଁ ଆସନ୍ତା କାଲିଠାରୁ ସେଠାରେ ପୌର ପରିଷଦର ଜଣେ କର୍ମଚାରୀ ଉପସ୍ଥିତ ରହି ଖାଇବା ପାଇଁ ଉଦ୍ଦିଷ୍ଟ ଟୋକନରେ ଲୋକ ମାନଙ୍କ ଟିପ ଚିହ୍ନ ନେବେ ବୋଲି ନିଷ୍ପତ୍ତି ହୋଇଛ। ଯେହେତୁ ବିଶୁଦ୍ଧ ପାନୀୟ ଜଳ ମେସିନଟି ପୁରୁଣା ହୋଇଗଲାଣି, ସେଥିପାଇଁ ଆଉ ଦୁଇଟି ନୂଆ କିଣିବା ପାଇଁ ରାଜ୍ୟ ସରକାରଙ୍କୁ ଚିଠି କରାଯାଇଛି। ସିସିଟିଭି ଓ ବାସନଧୁଆ ମେସିନର ମରାମତି ପାଇଁ ପଦକ୍ଷେପ ନିଆଯାଇଛି। ଯଦି ପ୍ରତ୍ୟେକ ଦିନ ପ୍ରସ୍ତୁତ ହେଉଥିବା ଖାଦ୍ୟ ନିଅଣ୍ଟ ହେଉଥିବା ଲକ୍ଷ୍ୟ କରାଯାଏ, ନିଶ୍ଚିତ ଭାବେ ଖାଦ୍ୟ ବଢ଼ାଇବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଚିଠି ଲେଖାଯିବ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ମଧ୍ୟରାତ୍ରରେ ଘରୁ ଦୁଇଟି ବାଇକ ଚୋରି, ଥାନାରେ ଏତଲା

ଗୋଲାମୁଣ୍ଡା ,(ମହାଭାରତ): ଗୋଟିଏ ଘରୁ ଦୁଇଟି ବାଇକ ଚୋରି ହେବା କଥା ଶୁଣିଲେ ଲୋକଙ୍କୁ ଚକିତ ଲାଗିପାରେ ହେଲେ ତାହା ସତ୍ୟ ଏପରି ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅଧୀନ ଗ୍ରିଣ୍ଡୋଲ ଗ୍ରାମରେ ଦୁଇଟି ଗାଡ଼ି ଚୋରି ହୋଇ ଯାଇଛି । ଗାଡ଼ି ମାଲିକ ଜିତେନ୍ଦ୍ର ମହାନନ୍ଦ (୩୦) ପି - ତୁଳସୀ ମହାନନ୍ଦ ତାଙ୍କ ନିଜସ୍ ଘର ବାରଣ୍ଡାରେ ଦୁଇଟି ଗାଡ଼ି ରଖି ଶୋଇ ପଡିଥିଲେ । ରାତ୍ରି ୩ ଘଣ୍ଟା ସମୟରେ ନିଦ ଭାଙ୍ଗିବାରୁ ଉଠି ଦେଖିଲା ବେଳକୁ ଗାଡ଼ି ୨ଟି ନଥିଲା । ନିରୁପାୟ ହୋଇ ଚାରି ଆଡେ ଦୋରାଣ୍ଡି ହୋଇ ଖୋଜାଖୋଜି କରି ନ ପାଇ ନିରୁପାୟ ହୋଇଥିଲେ।(୧) ଗାଡ଼ି ନମ୍ବର ଓ ଡି ୨୬ ଏଫ୩୨୨୩ ଗ୍ଲାମର ଗାଡ଼ିଟି ନିଜସ୍ ହୋଇଥିବା ବେଳେ ଅନ୍ୟ ଟି ତାଙ୍କ ଘରକୁ କୁଣିଆ ଆସିଥିବା ଭଉଣୀ ଜୁଇଁଙ୍କ ପଲ୍ସର ଗାଡ଼ି ୦୮ ୱାଇ ୫୧୮୬ ଅଟେ । ଦୁର୍ବୁର୍ତ୍ତ ମାନେ ଚୋରିକରି ନେଇଥିବା ସନ୍ଦେହ ରେ ଗୋଲାମୁଣ୍ଡା ଥାନାରେ ଏତଲା ଦେଇଛନ୍ତି ଗାଡ଼ି ମାଲିକ ଜିତେନ୍ଦ୍ର ମହାନନ୍ଦ । ଏନେଇ ଗୋଲାମୁଣ୍ଡା ପୋଲିସ ବିଭିନ୍ନ ସ୍ଥାନ ମାନଙ୍କର ସିସି ଟିଭି ଯାଞ୍ଚ୍ କରି ଛାନଭିନ କରୁଥିବା ଗୋଲାମୁଣ୍ଡା ଥାନା ଅଧିକାରୀ ଜ୍ୟୋତିପ୍ରକାଶ ତାଣ୍ଡି ପ୍ରକାଶ କରିଛନ୍ତି ।

## ସାମ୍ବାଦିକ ଙ୍କ ବିୟୋଗରେ ଶୋକସଭା

ଉଦଳା, (ମହାଭାରତ), : ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ମହାନ୍ତି ଏବଂ ସୌମେନ୍ଦ୍ର ବେହେରାଙ୍କ ଅକାଳ ବିୟୋଗକୁ ନେଇ ଉପଖଣ୍ଡ ସାମ୍ବାଦିକ ପରିବାର ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହିତ ଏକ ଶୋକସଭା ଆୟୋଜିତ ହୋଇଯାଇଛି। ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏହି ଶୋକସଭା ଆୟୋଜିତ ହୋଇଥିଲା । ବରିଷ୍ଠ ସାମ୍ବାଦିକ ଦୀନବନ୍ଧୁ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶୋକସଭାରେ ଉପଖଣ୍ଡର ଉଦଳା, କପ୍ତିପଦା, ଗୋପବନ୍ଧୁନଗର ଏବଂ ଖୁଣ୍ଟା ଅଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକମାନେ ଉପସ୍ଥିତ ଥିଲେ । ଏହି ଅବସରରେ ସମସ୍ତ ସାମ୍ବାଦିକମାନେ ଇହଧାମ ତ୍ୟାଗ କରିଥିବା ଦୁଇ ସାମ୍ବାଦିକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ଏହା ପରେ ସମସ୍ତେ ଦିବ୍ୟଙ୍ଗତ ସାମ୍ବାଦିକଙ୍କ ସ୍ମୃତିଚାରଣ କରିଥିଲେ । ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ମହାନ୍ତି ଜଣେ ଅତି ସରଳ, ମେଳାପୀ ସ୍ୱଭାବର ଲୋକ ଥିଲେ । ଏକ ଆଗଧାଡିର ଦୈନିକ ଖବରକାଗଜରେ ଦୀର୍ଘ ବର୍ଷ ଧରି ସାମ୍ବାଦିକତା କରି ଆସିଥିବା ଅରୁଣ ମହାନ୍ତି କେବେ ଖବରରେ ସାଲିସ୍ କରି ନ ଥିଲେ । ଏବଂ ତାଙ୍କର ମିଷ୍ଟଭାଷା ଓ ଭଲ ବ୍ୟବହାର ପାଇଁ ସମସ୍ତଙ୍କ ପାଖରେ ବେଶ ଲୋକପ୍ରିୟ ଥିଲେ । ହେଲେ ଅଚାନକ ତାଙ୍କର ବିୟୋଗ ସମସ୍ତଙ୍କୁ ସ୍ତବ୍ଧ କରିଛି । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ଏହି ବୈଠକରେ ଉପସ୍ଥିତ ରହି ଶରୀର ଅସୁସ୍ଥ ଥିବା ସମୟରେ ସେ ତାଙ୍କ ସହିତ ଶେଷ କଥା ହୋଇଥିଲେ ଏବଂ ତାଙ୍କ ପରିବାରକୁ କିପରି ସରକାରୀ ସ୍ତରରେ ସହାୟତା ମିଳିପାରିବ ସେ ନେଇ ସମସ୍ତ ବ୍ୟବସ୍ଥା ସେ କରିବାକୁ ଏହି ବୈଠକରେ ସୂଚନା ଦେଇଥିଲେ।

## ଜମି ବିବାଦରୁ ଦାଦାକୁ ହାଣି ହତ୍ୟାକଲା ପୁତୁରା ଅଭିଯୁକ୍ତ ବାପ ପୁଅ କୋର୍ଟ ଚାଲାଣ

କେନ୍ଦୁଝର,(ମହାଭାରତ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ପୁଟୁଳିଆ ଗାଁର ଗୋପାଳ ସାହିରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଛାତ କଲମ ଗାତ ଖୁଡ଼ାକୁ ନେଇ ଚନ୍ଦ୍ରଶେଖର ଦାସ ଏବଂ ବଡ଼ ଭାଇ କିରଣ ଦାସ ମଧ୍ୟରେ ଝଗଡା ସୃଷ୍ଟି ହୋଇଥିଲା। ଚନ୍ଦ୍ରଶେଖର ଘର କାନ୍ଥକୁ ଲଗାଇ କିରଣ ଛାତ କଲମ ଗାତ ଖୁଡୁଥିଲେ।ବୁଧବାର ଅପରାହ୍ନ ୩.୩୦ ସମୟରେ ପୁଣି କଲମ ଗାତକୁ ନେଇ ପାଟିତୁଣ୍ଡ ହେବା ସଙ୍ଗେ ସଙ୍ଗେ ଦୁଇ ଭାଇଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା । ଏଥିରେ ଚନ୍ଦ୍ରଶେଖର କଲମ ଗାତରେ ପଡ଼ିଯିବା ପରେ ପାଖରେ ଥିବା କିରଣର ୧୯ ବର୍ଷୀୟା ପୁଅ ସତ୍ୟଜିତ୍ ଦାସ(୧୯)ଓରଫ କିଷାନ ଦାସ ଉତ୍ୟକ୍ତ ହୋଇ ଦାଦା ଚନ୍ଦ୍ରଶେଖରଙ୍କୁ ଗାତ ଉପରୁ ଥାଇ ଏକ ଗାଇନ୍ତାରେ ମୁଣ୍ଡକୁ ଆକ୍ରମଣ କରିଥିଲା ଚନ୍ଦ୍ରଶେଖରର ସ୍ତ୍ରୀ, ଝିଅର କାନ୍ଦ ବୋବାଳ ଶୁଣି ପଡିଶା ଘର ଲୋକେ ଧାଇଁ ଆସି ଦେଖିଲା ବେଳକୁ ଚନ୍ଦ୍ର ଶେଖର ପ୍ରବଳ ରକ୍ତସ୍ରାବ ହୋଇ ଚେତାଶୂନ୍ୟ ହୋଇ ଗାତରେ ପଡିରହିଥିଲେ । ଲୋକେ ଗାତରୁ ଉଦ୍ଧାର କରି ଏକ ବୋଲେରୋ ଯୋଗେ ତୁରନ୍ତ କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ନେଇଥିଲେ ସେଠାରେ ଚନ୍ଦ୍ରଶେଖରଙ୍କ ମୃତ୍ୟୁ ହୋଇଥିଲେ । ଖବର ପାଇ ସଦର ଥାନା ଅଧିକାରୀ ଅମିତ କୁମାର ଭୂୟାଁ ସଦଳ ବଳେ ଘଟଣା ସ୍ଥଳରେ ପହଁଚି ତଦନ୍ତ କରିବା ସହ ଅଭିଯୁକ୍ତ ଦ୍ୱୟଙ୍କୁ ଘଟଣା ସ୍ଥଳକୁ ଆଣି ସ୍ରିନ ରିଏକ୍ସନ କରିବା ପରେ କେଶ ନମ୍ବର ୬୦୭/୨୫ରେ୬୦୭/୨୫ରେ ଦଫା ୧୦୩(୧)/୧୦୯(୧)/୩(୫)/ ବିଏନଏସ)ରେ ମାମଲା ରୁଜୁ କରି ବ୍ୟବହୃତ ଗଇନ୍ତା,କଦାଳ ଜବତ ସହ ଅଭିଯୁକ୍ତ ବାପ,ପୁଅକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତ ଅଧିକାରୀ ଶ୍ରୀ ଭୂୟାଁ ସୂଚନା ଦେଇଛନ୍ତି।

## ଭବ୍ୟ କଳସ ଯାତ୍ରା ସହ ବିଶମୁଣ୍ଡ ବୁଢ଼ାରଜାଙ୍କ ବାର୍ଷିକ ଉତ୍ସବ

ଲାଞ୍ଜିଗଡ, (ମହାଭାରତ):କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଉପାନ୍ତ ପାହାଡ଼ପଦର ପଞ୍ଚାୟତ ସାକଡିଂ ଗୁମାରେ ବିଶମୁଣ୍ଡ ବୁଢ଼ାରଜାଙ୍କ ବାର୍ଷିକ ଉତ୍ସବ ପାଇଁ ଭବ୍ୟକଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଠାରୁ ଶନିବାର ପର୍ଯ୍ୟନ୍ତ ତିନି ଦିନଧରି ସାକଡିଂ ଗୁମାରେ ବିଶମୁଣ୍ଡ ବୁଢ଼ାରଜାଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରଥମ ଦିନରେ ବିଶମୁଣ୍ଡ ବୁଢ଼ାରଜାଙ୍କ କଳସ ଶୋଭାଯାତ୍ରାରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମେତ ଜିଲ୍ଲା ତଥା ପଡ଼ୋଶୀ ଜିଲ୍ଲାର ହଜାର ହଜାର ମହିଳା ଓ ଆବାଳବୃଦ୍ଧବନିତା କଳସ ଯାତ୍ରାରେ ସାମିଲ ହୋଇଥିଲେ। ପୂର୍ବ କାଳରୁ ଲୋକଙ୍କ ବିଶ୍ୱାସଯେ'ପ୍ରଭୁ ବିଶମୁଣ୍ଡ ବୁଢ଼ା ରଜାଙ୍କ ପାଖରେ ଯାହାବି ମାନସୀକ କରାଯାଇଥାଏ ତାହା ପୂର୍ଣ ହୋଇ ଥାଏ ବୋଲି ଜିଲ୍ଲା ତଥା ଜିଲ୍ଲା ବାହାରୁ ମଧ୍ୟ ଭକ୍ତଙ୍କ ଭିଡ଼ ପ୍ରତିବର୍ଷ ଦେଖିବାକୁ ମିଳିଥାଏ। ପାହାଡ଼ପଦର ବୁଢ଼ାରଜା ପୂଜାକମିଟି ଆନୁକୂଲ୍ୟରେ ହେଉଥିବା ଚଳିତ ବର୍ଷପୂଜା ଗୁରୁବାର ପ୍ରାରମ୍ଭ ହୋଇ ଶନିବାର ଦିନରେ ପୂର୍ଣ୍ଣାହୁତି ହେବ। ପୂଜା ପାଇଁ ଗାଁ ତଥା ଆଖପାଖ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହେବା ସହ ଲୋକଙ୍କ ମଧ୍ୟରେ ଉତ୍ସବମୁଖର ଦେଖିବାକୁ ମିଳିଥାଏ।ବିଶମୂଣ୍ଡ ବୁଢାରଜା ପୂଜା କମିଟି ସଭାପତି ଜଗଦୀଶ ବେନିଆଁଙ୍କ ତ୍ୱାବଧାନରେ ଅନୁଷ୍ଠିତ ଏହି କଳସ ଶୋଭାଯାତ୍ରାରେ ମୁଖ୍ୟ ଅଥିତି ଭାବେ ପାହାଡ଼ପଦର ସରପ□ ଲକ୍ଷ୍ମଣ ମାଝୀ ଯୋଗଦେଇଥିଲେ।ଏହି ଉତ୍ସବ ତିନିଦିନ ଧରି ହେଉଥିବା ବେଳେ ପ୍ରତ୍ୟେକ ଦିନ ରାତିରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଗୀତିନାଟ୍ୟ, ରେକର୍ଡ ଡ୍ୟାନ୍ସ,ଭଳି ସଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।

# ଡକାୟତି ଉଦ୍ୟମ ଘଟଣାରେ ଆଉ ୫ ଗିରଫ



ଯୋଡା (ମହାଭାରତ) ଯୋଡ଼ା କିଡିଜି ସ୍କୁଲ ଭିତରେ ପସି କିଛି ଦୁର୍ବୃ□ ଚୋରି ଉଦ୍ୟମ ଘଟଣାରେ ଆଉ ୫ ଡକାୟତ କୁ ବାନ୍ଧିଲା ଯୋଡ଼ା ପୋଲିସ ଏହି ଅଭିଯୁକ୍ତ ମାନେ ହେଲେ ମୟୁରଭଂଜ ଜିଲ୍ଲା ର ଆନନ୍ଦ କୁମାର ବେହେରା,ଯୋଡା ବି ଆଇ ଏଲ କଲୋନୀ ର ମାନସ ରଞ୍ଜନ ଦାସ,ଝାଡ଼ଖଣ୍ଡ ର ମଝୀ ଗାଆଁ ଗ୍ରାମର ସୟହିଦ ଆଫ୍ରିଦି,ଜୟମିର ହୁସେନ ଓ ସେମିଉଲ ଅୟନସାରୀ । ଏ ନେଇ ଏକ ଖବର ଦାତା ସମ୍ମିଳନୀ ରେ , ବଡ଼ବିଲ ଏସ ଡି ପି ଓ ଦେବେନ୍ଦ୍ର ନାଥ ପୀଙ୍ଗୁଆ, ଯୋଡା ଆଇ ଆଇ ସି ପ୍ରଶାନ୍ତ କୁମାର ସାମଲ ଗଣମାଧ୍ୟମ କୁ ସୂଚନା ଦେଇ ଛନ୍ତି ଯେ,ଏହି ଘଟଣାରେ ସଂପୃକ୍ତ ଥିବା ୪ ଜଣ ଅଭିଯୁକ୍ତ ମାନଙ୍କୁ କେନ୍ଦୁଝର ଟାଉନ ଥାନା ପୋଲିସ ଶୁକ୍ରବାର ନରଣ ପୁର ବ୍ୟାଙ୍କ୍ ଡକାୟତି ମାମଲାରେ ଗିରଫ କରିଛି ।ଅଭିଯୁକ୍ତ ମାନେ ହେଲେ ମୟୁରଭଂଜ ଜିଲ୍ଲା ଘାଗରବେଢ଼। ଥାନା ଅନ୍ତର୍ଗତ ଛେଳିଆ ନାଳି ଗ୍ରାମର ଗଣେଶ ଓରଫ ବିଶ୍ୱଜିତ୍ ଗିରି,ରରୁଆଁ ଥାନା ଅନ୍ତର୍ଗତ ଉତ୍ତରପୋଷୀ ଗ୍ରାମର ସୁବାଶିଷ ଗିରି,ଯୋଡା ଦିପୁ ହଟିଂ ର ନିର୍ମଳ ପ୍ରଧାନ ,ବଡ଼ବିଲ ଠାକୁରାଣୀ ବସ୍ତି ର ରଞ୍ଜନ ପଲେଇ ।ଏହି ୪ ଅଭିଯୁକ୍ତ କିଡଜି ସ୍କୁଲ ଡକାୟତି ଉଦ୍ୟମ ଘଟଣାରେ ସଂପୃକ୍ତ ଥିବାରୁ ଯୋଡା ପୋଲିସ ସେମାନଙ୍କୁ ରିମାଣ୍ଡ ରେ ଆଣିବ ବୋଲି ସୂଚନା ଦେଇଛି । ପୂର୍ବରୁ ଏହି ଘଟଣାରେ ପୋଲିସ ଗତ ୬/୧୦/୨୦୨୫ ରିଖରେ ବଡ଼ବିଲ ସେରେଣ୍ଡା ଅଞ୍ଚଳ ର ଏମ ଡି ଅୟହେଶୟମ,ବଡ଼ବିଲ ପିଏଚଡି ରଡ ଅଞ୍ଚଳର ରିଆଜ ଖାନ କୁ ଗିରଫ କରି ତଦନ୍ତ ଜାରି ରଖିଥିଲା ।ଯୋଡ଼ାରେ ଏହି ଡକାୟତି ଉଦ୍ୟମ।ଘଟଣା ଘଟିବା ପରେ ପୋଲିସ ମୟୂର ଭଞ୍ଜ ଜିଲ୍ଲା ସମେତ ଝାଡ଼ଖଣ୍ଡ ରାଜ୍ୟ ର ବିଭିନ୍ନ ସ୍ଥାନରେ ଅପରାଧୀ ଙ୍କୁ ଧରିବା ପାଇଁ ଚଢାଉ କରିଥିଲା ।ଚଢାଉ ପରେ ପୋଲିସ ଏକ ବଡ ଧରଣ ର ଡକାୟତି ଗ୍ୟାଙ୍ଗ କୁ ଗିରଫ କରିବା ପରେ ଯୋଡା ସହର ରେ ଅଭିଯୁକ୍ତ ମାନଙ୍କୁ ପାଦରେ ଚଲୟଇ ଚଲାଇ ଧରଣୀଧର ଛକ ରୁ ଲକ୍ଷ୍ମୀ ମନ୍ଦିର ପର୍ଯ୍ୟନ୍ତ ନେଇଥିଲା । ଏ ନେଇ ବଡ଼ବିଲ ଏସ ଡି ପିଓ ପୀଙ୍ଗୁଆୟ କହିଛନ୍ତି ଯେ,ସମାଜକୁ ଅପରାଧ ମୁକ୍ତ କରିବା ପାଇଁ ଏହି ଜନସାଧାରଣ ଙ୍କୁ ବାର୍ତ୍ତା ଦେବ ଉଦ୍ଦେଶ୍ୟରେ ଏହି ପ୍ରଦର୍ଶନ କରାଯାଇଥିଲା ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ କି, ଗତ ୨୮/୯/୨୦୨୫ ରିଖ ବିଳମ୍ବିତ ରାତିରେ ଚମ୍ପୁଆ ର ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକ ଙ୍କ କି ଡ ଜି ସ୍କୁଲ ରେ ଦୁଇ ଜଣ ଚୌକିଦାର ଙ୍କୁ ବନ୍ଧୁକ ମୁନରେ ଭୟଭୀତ କରିବା ସହିତ ମୁହଁ ଓ ହାତରେ କପଡା ବାନ୍ଧି ସ୍କୁଲ ର ତାଲା ଭାଙ୍ଗି ଦୁର୍ବୃର୍ତ୍ତ ମାନେ ଡକାୟତି ଉଦ୍ୟମ କରିବା ବେଳେ ଜଣେ ଚୌକିଦାର କୌଶଳ କ୍ରମେ ଖସି ଯାଇ ଚିତ୍କାର କରିବାରୁ ଡକାୟତ ମାନେ ଭୟଭୀତ ହୋଇ ସେଠାରୁ ପଳାୟନ କରିଥିଲେ । ପୋଲିସ ଘଟଣାର ଜାରି ରଖି ଥିଲା । ଏ ସମ୍ପର୍କରେ ବିଧାୟକ ଜିତୁ ପଟ୍ଟନାୟକ ଗଣମାଧ୍ୟମ କୁ କହିଛନ୍ତି ଯେ,ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କ ପ୍ରତ୍ୟକ୍ଷ ଉଦ୍ୟମ କ୍ରମେ ଖୁବ୍ କମ୍ ସମୟ ମଧ୍ୟରେ ଅଭିଯୁକ୍ତ ଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଛି ।ଆଗାମୀ ଦିନରେ ବଡ ଧରଣର ଅପରାଧ କୁ ରୋକିବାରେ ପୋଲିସ ସମର୍ଥ ହୋଇଛି ।

## ୧୪ରେ ଅନାସ୍ଥା ଭୋଟ,ଜିତିବା ଆଶଙ୍କାରେ ଉପାଧ୍ୟକ୍ଷ ଗୋଷ୍ଠୀ ଷଡଯନ୍ତ୍ର ଭଣ୍ଡୁର ପାଇଁ ବ୍ଲକ ଅଧ୍ୟକ୍ଷାଙ୍କ ଉଦ୍ୟମ






ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଆଗତ ଅନାସ୍ଥା ରୋଚକ ମୋଡ଼ରେ। ତେବେ ଏକଛାତ୍ରବାଦ ମନୋବୃତି ସହ ଅଞ୍ଚଳର ବିକାଶରେ ବାଧକ ସାଜିବାରୁ ଅନାସ୍ଥା ପ୍ରସ୍ତାବ ଦିଆଗଲା ବୋଲି ବ୍ଲକ ଉପାଧ୍ୟକ୍ଷ ବରୁଣ ସର ଓ ସମିତିସଭ୍ୟ ପ୍ରିୟରଞ୍ଜନ ମାହୁନ୍ତ ଗଣମାଧ୍ୟମକୁ କହିଥିବାବେଳେ ପ୍ରକୃତପକ୍ଷେ କ୍ଷମତା ଓ ଅର୍ଥହଡପ, ବିପି ଡିପି ରେ ଥିବା ୧କୋଟି ଅନୁଦାନ ରାଶି ହଡପ, ଠିକାଦାରୀ ସହିତ ପ୍ରଭାବଶାଳୀ ବ୍ୟକ୍ତିକୁ କ୍ଷମତାସିନ କରି ବ୍ଲକ ଶାସନ ହାତେଇବା ପାଇଁ ଏହି ଅନାସ୍ଥା ନାଟକବାଜି ବୋଲି ଜନସାଧାରଣ ଆଲୋଚନା କରୁଛନ୍ତି। ଉପାଧ୍ୟକ୍ଷ ଓ ବର୍ତ୍ତମାନ ବିଜେପିକୁ ସମର୍ଥନ କରିଥିବା ପୂର୍ବତନ ଅଧ୍ୟକ୍ଷଙ୍କ ସପକ୍ଷରେ ୫୧ଜଣ ଥିବା କହୁଥିବାବେଳେ ଶୁଣାଯାଉଛି ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ ମଧ୍ୟ ଆବଶ୍ୟକ ସଂଖ୍ୟା ହାତେଇନେଇଛନ୍ତି ଏବଂ ଉଭୟ ଗୋଷ୍ଠୀ ଅ।ଜ୍ଞା।ତ ବା।ସ କୁ ଚାଲିଯାଇଥିବା ବୋଲି ଉପଖଣ୍ଡରେ ଯୋରଦାର ଚର୍ଚ୍ଚା ହେଉଥିଲେ ମଧ କିଛି ସଦସ୍ୟଙ୍କ ଭାଗ ଛିଣ୍ଡି ନଥିବାରୁ ସେମାନେ ଅଧ୍ୟକ୍ଷାଙ୍କୁ ସମର୍ଥକ କରିପାରନ୍ତି ବୋଲି ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।ପୁଣି ଅନାସ୍ଥା ଆଳରେ ପଂଚାୟତସମିତି ସଦସ୍ୟ ମାନଙ୍କୁ ପରେ ଭକୁଆ ବନାଇ ନିଜେ କୋଟିପତି ହେବା ଲକ୍ଷ ଥାଇପାରେ ବୋଲି ମଧ ଚର୍ଚ୍ଚା ହେଉଥିଲେ ହେଁ ହାରିବା ନେତାଙ୍କୁ ଏହା ଶକ୍ତ ଚଟକଣା ହେବା ସହ ତାଙ୍କ ରାଜନୈତିକ ଭବିଷ୍ୟତ ଅନ୍ଧାର ହୋଇଯାଇପାରେ ବୋଲି ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତିବିଶେଷ ମତବ୍ୟକ୍ତ କରନ୍ତି।ତେବେ ଅନାସ୍ଥାକୁ ନେଇ ଜନସାଧାରଣଙ୍କ ଭିତରେ ଅସନ୍ତୋଷ କୁହୁଳିବାରେ ଲାଗିବାସହ ଅନେକ ବିରାଟ ପ୍ରଶ୍ନ ବାଚୀ ସୃଷ୍ଟି କରିଛି ଏହାପରେ ହିନ୍ଦୋଳ ଏନଏସି ର କାହାର ଜଣଙ୍କର ପାଳି ପଡିବ ଭିତିରିଆ ସୂତ୍ରରୁ ପ୍ରକାଶ।ନିଜର ରାଜନୈତିକ ଚରିତାର୍ଥ ପୂରଣପାଇଁ ନିଜନିଜ ଭିତରେ ଝଗଡା ସୃଷ୍ଟି କରାଯାଇ ଏହିପରି ଅନାସ୍ଥା। ଜନସାଧାରଣଙ୍କ ଉପରେ ଲଦିଦେଇ ଭୋଟରଙ୍କ ଭାବନସହ ଖେଳୁଥିବା ସ୍ୱାର୍ଥନ୍ୱେସି ନେତା ମାନଙ୍କୁ ଆଗାମୀ ନିର୍ବାଚନ ମାନଙ୍କରେ ଜନସାଧାରଣ ଉଚିତ ଜବାବ ଦେବେବୋଲି ଜଣାପଡିଛି। ତେବେ ଦେଖିବାକୁ ବାକି ରହିଲା ଆସନ୍ତା ୧୪ତାରିଖରେ ବାଜି କିଏ ମାରୁଛି।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ନିମ୍ନମାନର , ଠିକାଦାର ଓ ଯନ୍ତ୍ରୀ ଙ୍କ ମଧୁଚନ୍ଦ୍ରୀକା



କରଞ୍ଜିଆ,(ମହାଭାରତ) କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୬ ମାସ ହେଲା ନିର୍ମିତ ହୋଇଥିବା ସଡ଼କ ଦବି ଯାଇ ସାମାନ୍ୟ ବର୍ଷାରେ ଧୋଇଗଲାଣି ତ କେଉଁଠି ରାସ୍ତା ପିଚୁ ଉଠିବାକୁ ବସିଲାଣି ବୋଲି ଗ୍ରାମବାସୀ ଅଭିଯୋଗ କଲେଣି। ଏଇଥି ରୁ ବେଶ ଅନୁମେୟ ରାସ୍ତା ନିର୍ମାଣ କେତେ ନିମ୍ନ ମାନର ହୋଇଛି, ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଭାଲିଆଡାଳ ପଞ୍ଚାୟତ ଅସୁରଖାଲ କରଂଜଗୋଡା ଠାରୁ ବାଇଗଣନାଳୀ ପଯ୍ୟନ୍ତ ସଡ଼କର ଏପରି ଦୂରବସ୍ଥା ଦେଖିବାକୁ ମିଳିଛି । ଏହାର ଅଟକଳ ମୂଲ୍ୟ ( ୬୪୦.୪୧ ଲକ୍ଷ ) ଥିଲାବେଳେ କାର୍ଯ୍ୟ ଆରମ୍ଭ ୩୧.୦୧ ୨୪ ରୁ କାର୍ଯ୍ୟ ଶେଷ ତା ୩୧.୧୨.୨୦୨୪ୟ କାରଣ ଗ୍ରାମାଞ୍ଚଳ ରାସ୍ତାରେ ଭାରି ଯାନ ଚାଲୁନଥିବା ସ□ ରାସ୍ତା ଦବିବା ସହ ବର୍ଷାରେ ଧୋଇ ଯିବା କଥାକୁ ସାଧାରଣ ଲୋକେ ସହଜରେ ନେଇ ପାରୁନାହାନ୍ତି । କାର୍ଯ୍ୟ ଶେଷ ପରେ ମରାମତି ପାଇଁ ଅଧିକ ପାଞ୍ଚ ବର୍ଷ ଥିଲେ ବି କଣ୍ଟ୍ରାକ୍ଟର ସେଥିପ୍ରତି ଧ୍ୟାନ ଦେଉ ନାହାନ୍ତି । ଅନ୍ୟ ପକ୍ଷରେ କାମ ଚାଲିଥିବାବେଳେ କନିଷ୍ଠ ଯନ୍ତ୍ରୀ କିମ୍ବା ଉପରିସ୍ଥ ଯନ୍ତ୍ରୀ ଆଦୌ ଧ୍ୟାନ ଦେଇନାହାନ୍ତି । ଯାହାଫଳରେ ସାଧାରଣ ଲୋକ ସମସ୍ୟାରେ ପଡୁଛନ୍ତି । ରାସ୍ତା ଦବିଯିବା ସହ ବର୍ଷା ରେ ପିଚୁ ଉଠି ଗଲାଣି, ଫଳରେ ସେଠାରେ ଦୁର୍ଘଟଣା ଏଡାଇ ଦିଆଯାଇନପାରେ । କ□ାକ୍ଟର - ଯନ୍ତ୍ରୀ ମଧୁଚନ୍ଦ୍ରିକାରେ ସାଧାରଣ ଲୋକ ହିଁ ସଢ଼ିବେ ଏଥିରେ ଦ୍ୱିମତ ନାହିଁ । ତେବେ ରାସ୍ତାର ମାନ ଓ ଗୁଣବତ୍ତାର ଜିଲ୍ଲାପ୍ରଶାସନ କିମ୍ବା ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗ୍ରାମର ନାରାୟଣ ହେସା, ଚନ୍ଦ୍ର ପୁର୍ତ୍ତି, ରୁକ୍ମଣୀ ପୁର୍ତ୍ତି, ଜଙ୍ଘା ପୁର୍ତ୍ତି , ଜଙ୍ଘା ହେସା, ବିକ୍ରମ ହେସା, ମଦନ ସାମାଣ୍ଡା, ଶ୍ରୀଧର ସାମାଣ୍ଡ, ବାବୁଲି ଓ ଅସୁରଖାଲ ଗ୍ରାମବାସୀ ଦାବି ହେଉଛି । ଏ ବିଷୟରେ ଠାକୁରମୁଣ୍ଡା ବିଭାଗୀୟ ଯନ୍ତ୍ରୀ ଶୁଭେନ୍ଦୁ ଦାସ ଙ୍କ ପଚାରିବାରୁ ସେ କହିଲେ ଏ ରାସ୍ତା ଟି ବ୍ଲକ ସଂଯୋଗୀକରଣ ହୋଇ ଥିବାରୁ ରାସ୍ତା ଟି କପ୍ତିପଦା ବ୍ଲକ ବାରିପଦା ଡିଭିଜନ ର ତେଣୁ ସେଠାକାର ଯନ୍ତ୍ରୀ ଦେଖାଶୁଣା କରୁଥିଲେ । ମୁଁ ତାଙ୍କୁ ଏବିଷୟରେ ଜଣାଇବି ବୋଲି କହିଥିଲେ।

## ପାରାଦୀପ ବନ୍ଦରକୁ ସବୁଜ ଉଦଜାନ କେନ୍ଦ୍ର ଭାବେ ମାନ୍ୟତା ମିଳିଲା



ପାରାଦୀପ - ଭାରତ ସରକାରଙ୍କ ଜାତୀୟ ସବୁଜ ଉଦଜାନ ଅଭିଯାନ ଅନ୍ତର୍ଗତ ପାରାଦୀପ ବନ୍ଦର ପ୍ରାଧିକରଣ କୁ ଆନୁଷ୍ଠାନିକ ଭାବେ ଏକ ସବୁଜ ଉଦଜାନ କେନ୍ଦ୍ର ବା ହବ ର ମାନ୍ୟତା ମିଳିଛି ଏବଂ ଏହା ଭାରତର ସ୍ୱଚ୍ଛ ଶକ୍ତି ଓ ଅଙ୍ଗାରକଣା (କାର୍ବନ) ହୀନ ପ୍ରୟାସର ଅଗ୍ରଭାଗରେ ସ୍ଥାନିତ କରାଯାଇଛି । ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ନିର୍ଦ୍ଦେଶାବଳୀ ଆଧାରରେ ପାରାଦୀପ ବନ୍ଦରକୁ ଏହି ସ୍ୱୀକୃତି ମିଳିଛି, ଯାହା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରୁ ପ୍ରୋତ୍ସାହନ,ଲାଭାନ୍ୱିତ ଓ ପ୍ରକଳ୍ପ ଗୁଡିକୁ ସକ୍ଷମ କରିବ । ସବୁଜ ଉଦଜାନ ହବ ହାଇଡ୍ରୋଜେନ ଉତ୍ପାଦନ, ସଂରକ୍ଷଣ, ପରିବହନ ଏବଂ ବ୍ୟବହାରର ଶେଷ ପ୍ରୟୋଗ ପାଇଁ ସମନ୍ୱିତ କେନ୍ଦ୍ର ଭାବେ କାର୍ଯ୍ୟ କରିବ ।ପାରାଦୀପ ବନ୍ଦର ସ୍ଥାନର ପ୍ରସ୍ତୁତିଓ ବିଦ୍ୟମାନ ଭିତ୍ତିଭୂମି ବୃହତ ପରିମାଣର ଉଦଜାନ ଉତ୍ପାଦନ ଓ ରପ୍ତାନିକୁ ପ୍ରୋତ୍ସାହିତ କରିବ । ଏହି ପଦକ୍ଷେପ ଭାରତକୁ ସବୁଜ ଉଦଜାନ ଉତ୍ପାଦନ, ବ୍ୟବହାର ଓ ରପ୍ତାନି ପାଇଁ ପାରାଦୀପ ବନ୍ଦରକୁ ବିଶ୍ୱର ଏକ ନମ୍ବର ହବ କରିବାକୁ ଜାତୀୟ ସବୁଜ ଉଦଜାନ ମିଶନ ଲକ୍ଷ୍ୟ ରଖିଛି କ୍ଷ ଏଥିଯୋଗୁଁ ପାରାଦୀପ ବନ୍ଦର ର ସ୍ଥାୟୀ ଅଭିବୃଦ୍ଧି, ସ୍ୱଚ୍ଛ ଶକ୍ତି ଗ୍ରହଣ ଓ ଭାରତର ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।ଏହି ମାନ୍ୟତା ପାଇବା ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ କହିଛନ୍ତି ଯେ ଏକ ସବୁଜ ହାଇଡ୍ରୋଜେନ ହବ ର ମାନ୍ୟତା ପାଇବା ପରେ ଆମେ ଗର୍ବିତ । ଦେଶର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ସମର୍ଥନ କରିବା ଏବଂ ଭାରତର ଅଣଅଙ୍ଗାରକାମ୍ଳ ଯାତ୍ରାରେ ସାମିଲ ପାଇଁ ପାରାଦୀପ ବନ୍ଦର ଏହାର ଭିତ୍ତିଭୂମି ଓ ରଣନୈତିକ ସ୍ଥାନକୁ ବ୍ୟବହାର କରିବ।

## ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ ବିଜେଡି ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତ

ପାରାଦୀପ (ମହାଭାରତ) ପାରାଦୀପ ଅଞ୍ଚଳର ବିଶିଷ୍ଟ ଶ୍ରମିକ ତଥା ରାଜନେତା ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି। ଏହି ନିଯୁକ୍ତି ପାଇବା ପରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଆମର ଲୋକପ୍ରିୟ ବିରୋଧୀ ଦଳର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହିତ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।ତାଙ୍କ ଉପରେ ସଭାପତି ଆସ୍ଥା ପ୍ରକଟ କରି ଯେଉଁ ଦାୟିତ୍ୱ ଦେଇଛନ୍ତି ତାହା ସୁଚାରୁ ରୂପେ ପାଳନ କରିବେ ଏବଂ ଦଳକୁ କ୍ରିୟାଶୀଳ ଓ ଶକ୍ତିଶାଳୀ କରିବା ପାଇଁ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତିୟ ଏହି ଖବର ପ୍ରଚାରିତ ହେବା ପରେ ବିଜେଡି ନେତା ଓ କର୍ମୀ ,ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ଓ ସମାଜସେବୀ ମାନେ ଶ୍ରୀ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଆସିକା ବିଭିନ୍ନ ହୋଟେଲ ଓ ରେଷ୍ଟୋରେଣ୍ଟ ଖାଦ୍ୟର ମାନ ଯାଞ୍ଚ ପାଇଁ ଦାବୀ



ଆସିକା (ମହାଭାରତ): ଗଞ୍ଜାମ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷର ବିଭିନ୍ନ ସହର ମାନଙ୍କ ର ବିଭିନ୍ନ ହୋଟେଲ, ରେଷ୍ଟୋରେ□, ଖାଦ୍ୟ ନିର୍ମାଣ କମ୍ପାନୀ ଆଦିରେ ଘନ ଘନ ଚଢ଼ାଉ ଚାଲିଥିଲା ବେଳେ ଆସିକା ମୁନ୍ସିପାଲଟିରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଯାହାଦ୍ୱାରା ଅଞ୍ଚଳ ବାସୀ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ପ୍ରକାଶ ଥାଉକି ଆସିକା ତଥା ଆଖପାଖ ଅଞ୍ଚଳରେ ଦିନକୁ ଦିନ ଛତୁ ଫୁଟିଲା ଭଳି ହୋଟେଲ ଓ ରେଷ୍ଟୋରେ□ ଖୋଲି ଚାଲିଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟବସାୟୀ ଙ୍କ ନିକଟରେ ଫୁଡ ଲାଇସେନ୍ସ ନାହିଁ। ଏହି ହୋଟେଲ ଗୁଡିକରେ ବାସି ଖାଦ୍ୟ ସହ ପଚା ଶଢା ପନିପରିବା ସହିତ ନିମ୍ନମାନର ମସଲା, ଖାଦ୍ୟ କଲର, ଚାଇନା ସ୍ଲଟ ସହିତ ନିମ୍ନ ମାନର ତେଲ ଯାହାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ତାହା ଅତି କଦର୍ଯ୍ୟ ଅବସ୍ଥାରେ ବ୍ୟବହୃତ ହେଉଛି। ହୋଟେଲ ଓ ରେଷ୍ଟୋରେ□ ଗୁଡିକରେ ସ୍ୱଛତା ଉପରେ କୌଣସି ଧ୍ୟାନ ଦେଉନାହାନ୍ତି। ଆସିକା ଓ ଏହାର ଆଖପାଖ ଅଞ୍ଚଳ ରେ ସୋଡ଼ା,ମୃଦୁ ପାନୀୟ ଠାରୁ ଆରମ୍ଭ କରି, ମିଠା ସାମଗ୍ରୀ, ପାଉଁରୁଟି, କେକ ଭଳି ଅନେକ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ହେଲେ ଅଧିକାଂଶ ଖାଦ୍ୟ ସାମଗ୍ରୀରେ ମାନ ଅଧିକାରୀ ମାନେ ଯାଞ୍ଚ କରୁନାହାନ୍ତି କି ଏକ୍ସପାଏରୀ ତାରିଖ ମଧ୍ୟ ଲେଖାଯାଉନି। ଏହା ବ୍ୟତିତ ଖାଦ୍ୟରେ ବ୍ୟବହୃତ ସାମଗ୍ରୀର ତାଲିକା ମଧ୍ୟ ଲେଖାଯାଉନି। ଫଳରେ ବିଭିନ୍ନ ସମୟରେ ଏକ୍ସପାଏରୀ ଖାଦ୍ୟ ସାମଗ୍ରୀ ଖାଇ ଜନସାଧାରଣ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ନଜର ରହିଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ବାରମ୍ବାର ସୂଚିତ କରାଯାଇଛି ଯେ ଖାଦ୍ୟର ଅଧିକାର ହେଉଛି ଭାରତ ସମ୍ବିଧାନର ଧାରା ୨୧ ଅନୁଯାୟୀ ସୁନିଶ୍ଚିତ ଜୀବନର ଅଧିକାର। ଏହା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ସେହିପରି ଏହା ମଧ୍ୟ ଭାରତର ସମ୍ବିଧାନର ଧାରା ୧୪ ର ଉଲ୍ଲଂଘନୟ କାରଣ ଗରିବ ମାନେ ବଡ ଦୋକାନରୁ ଏକ ଜିନିଷ କିଣି ପାରିବେ ନାହିଁ ଏବଂ ଧନୀ ଲୋକମାନେ ବଜାରରୁ ଅପରିଷ୍କାର ପଦାର୍ଥ ନେଉନାହାଁନ୍ତି। ତେଣୁ ଏହା ଅତ୍ୟନ୍ତ ଅସମାନ ସମାଜ, ଯେଉଁଠାରେ କେବଳ ଗରିବ ଲୋକ ଦୁଃଖ ପାଆନ୍ତି ଆଉ ମରନ୍ତି। ଏନେଇ ବିଭିନ୍ନ ସମୟରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ପ୍ରସାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ପ୍ରକାଶ ଥାଉକି ଆସିକା ମୁନ୍ସିପାଲଟି ଅଞ୍ଚଳରେ ଜଣେ ଖାଦ୍ୟ ସୁରକ୍ଷା ଅଧିକାରୀ ନିୟୋଜିତ କରି ନିୟମିତ ଭାବେ ଖାଦ୍ୟର ମାନ ପରୀକ୍ଷଣ କରିବା

## ପ୍ରସ୍ତୁତ କରନ୍ତୁ ଗୋଟା ରସୁଣ ଚିକେନ ଲଟପଟ



**ଆବଶ୍ୟକୀୟ ସାମଗ୍ରୀ:**ଚିକେନ, ପିଆଜ, ରସୁଣ ପାଖୁଡ଼ା, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ, ରିଫାଇଲ ତେଲ, ଗରମ ମସଲା।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଚିକେନରେ ଲୁଣ, ହଳଦୀ ପକେଇ ଭଲ ଭାବରେ ଗୋଳାଇ ରଖନ୍ତୁ। କରେଇରେ ତେଲ ଗରମ କରି ପିଆଜ ପକାଇ ଭାଜି ରଖନ୍ତୁ। ପିଆଜ ଅଳ୍ପ ଭାଜି ହୋଇଗଲା ପରେ ଲୁଣ ହଳଦୀ ଗୋଳା ଚିକେନ୍ ପକାଇ କଷନ୍ତୁ। ଚିକେନ ଅଳ୍ପ କଷି ହୋଇଗଲେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଗରମ ମସଲା, ଗୋଟା ରସୁଣ ପକାଇ ଘାଣ୍ଟନ୍ତୁ। ଚିକେନରେ ମସଲା ଭଲ ଭାବେ ମିଶି ଯିବା ପରେ ଘୋଡ଼ଣୀ ଘୋଡ଼ାଇ ଦିଅନ୍ତୁ। ପ୍ରତି ୪ରୁ ୫ ମିନିଟ୍ ବ୍ୟବଧାନରେ ଚିକେନକୁ ଗୋଳାଇ ଦିଅନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ ଗୋଟା ରସୁଣ ଚିକେନ ଲଟପଟ।

# କରସୋଗ ଘାଟିର ରହସ୍ୟ



ହିମାଚଳ ପ୍ରଦେଶର ମଣ୍ଡି ନଗରଠାରୁ ୧୨୫କିମି ଦୂରରେ ଦକ୍ଷିଣ ପୂର୍ବ ସମୁଦ୍ର ପତ୍ତନରୁ ପାଖାପାଖି ୧୪୦୪ ମିଟର ଉଚ୍ଚରେ ରହିଛି ଏକ ସ୍ଥାନ। ପୀର ପାଲ ପର୍ବତ ଶ୍ରେଣୀରେ ରହିଥିବା ରହସ୍ୟ ଏବଂ ମନ୍ଦିରର ଘାଟି ହେଉଛି କରସୋଗ ଘାଟି । ଏହି ଘାଟି ନିଜର ପାରମ୍ପାରିକ ରୀତିନୀତି, ଲୋକ ସଂସ୍କୃତିକୁ ନେଇ ବେଶ ପରିଚିତ । ଶିମଲାଠାରୁ ଏହି ସ୍ଥାନର ଦୂରତା ୧୦୬ କିମି । କିନ୍ତୁ ଏହି ସ୍ଥାନରେ ଅନେକ କିଛି ରହସ୍ୟମୟ ଜିନିଷ ରହିଛି ,ଯାହା ବିଷୟରେ ସମସ୍ତେ ଅଜଣା ।

କୁହାଯାଏ ପାଣ୍ଡବମାନେ ଅଜ୍ଞାତବାସ ସମୟରେ ଏଠାରେ ସମୟ ଅତିବାହିତ କରିଥିଲେ । ସେମାନେ ଏଠାରୁ ହିମାଳୟକୁ ପାର କରି ଉତ୍ତର ଦିଗରେ ଥିବା ଗନ୍ଧମାର୍ଦ୍ଧନ ପର୍ବତକୁ ପହଞ୍ଚିଥିଲେ । ସେହି ସ୍ଥାନରେ ଭୀମଙ୍କ ସାକ୍ଷାତ ରାମଭକ୍ତ ହନୁମାନଙ୍କ ସହିତ ହୋଇଥିଲା । ସେହିପରି ଦ୍ୱାପର ଯୁଗରେ ପାଣ୍ଡବମାନେ ଯେତେବେଳେ ଅଜ୍ଞାତବାସରେ ଥିଲେ, ସେହି ସମୟରେ ମଧ୍ୟ କରସୋଗ ଘାଟିରେ ସମୟ ଅତିବାହିତ କରିଥିଲେ । ସେମାନେ ନିଜର ପୂଜାର୍ଚ୍ଚନା ଏହି ସ୍ଥାନରେ କରୁଥିଲେ ।

ଏହି ସ୍ଥାନରେ ପାଣ୍ଡବ କାଳରୁ ହିଁ ପୁରୁଣା ଏକ ମନ୍ଦିର ରହିଛି । ଯାହାକୁ ମମଲେଶ୍ୱର ମନ୍ଦିର କୁହାଯାଉଛି । ଏଠାରେ ଦୁଇଟି ଜିନିଷ ଏପରି ରହିଛି, ଯାହାକୁ ଦେଖିଲେ ଆପଣ ମଧ୍ୟ ଆଶ୍ଚର୍ଯ୍ୟ ହେବେ । ପ୍ରଥମତଃ ଘାସରୁ ନିର୍ମିତ ହୋଇଥିବା ଦେଢଫୁଟ ଢୋଲ ଯାହାର ଓଜନ ମାତ୍ର ୧୫୦ ଗ୍ରାମ । ଲୋକେ ଏହାକୁ ଗହମ ଦାନା ବୋଲି କୁହାଯାଏ । ସେହିପରି ମାହୁନାମ ମନ୍ଦିରରେ ଏପରି ଏକ ଢୋଲ ରହିଛି, ଯାହା ମଧ୍ୟ ଘଣସରେ ତିଆରି ହୋଇଛି । ଏଠାରେ ଥିବା ମାହୁନାଗକୁ ମହାଭାରତର କର୍ଣ୍ଣଙ୍କ ରୂପ ଭାବେ ପରିଚିତ ।

ଏଠାରେ ମନ୍ଦିର ପରିସରରେ ପାଖାପାଖି ୧୦୦ରୁ ଉର୍ଦ୍ଧ୍ୱ ଶିବଲିଙ୍ଗ ପୋତି ହୋଇ ରହିଛି । କିନ୍ତୁ ଏଥିରୁ କିଛି ବାହାର କରିଦିଆଯାଇଛି । ଏଠାରେ ପାଣ୍ଡବ କାଳର କିଛି ଦୁଲର୍ଭ ବସ୍ତୁ ମଧ୍ୟ ରହିଛି ।

କରସୋଗରୁ ଶିମଲା ଆଡକୁ ଯିବା ବାଟରେ 'ତତ୍ତା ପାଣି' ନାମକ ଏକ ସୁନ୍ଦର ସ୍ଥଳ ରହିଛି । ଏହି ସ୍ଥାନରେ ଥିବା ସଲଫରଯୁକ୍ତ ଗରମ ଜଳ ପାଇଁ ପ୍ରସିଦ୍ଧ । ଏଠାରେ ଗରମ ଏବଂ ଥଣ୍ଡା ପାଣିର ମିଳନ ସ୍ଥଳ ରହିଛି । ଏହି ଘାଟିରେ ଦେବଦାର ନାମକ ଘନ ଜଙ୍ଗଲ ଘେରିଥିବା ତିନିଟି ପ୍ରମୁଖ ହ୍ରଦ ରହିଛି । ଯାହା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ।

କମରୁନାଗ ହ୍ରଦ ନିକଟରେ ରହିଛି କମରୁନାଗ ଦେବତାଙ୍କ ପ୍ରାଚୀନ ମନ୍ଦିର । କିମ୍ବଦନ୍ତୀ ଅନୁସାରେ କମରୁନାଗ ରାଜା ରତ୍ନ ଯକ୍ଷ ଥିଲେ । ମହାଭାରତ ଯୁଦ୍ଧ ପରେ ପାଣ୍ଡବ ତାଙ୍କୁ ନିଜର ଆରାଧ୍ୟ ଦେବତା ମାନି ସେହି ସ୍ଥାନରେ ସ୍ଥାପନା କରିଥିଲେ । କମରୁନାଗଙ୍କ ବର୍ଷାର ଦେବତା ବୋଲି କୁହାଯାଏ । କମରୁନାଗ ହ୍ରଦ ସବୁଠାରୁ ପ୍ରାଚୀନ । ଏହି ହ୍ରଦ ତଳେ କୋଟି କୋଟି ଟଙ୍କାର ମୂଲ୍ୟବାନ ସମ୍ପତ୍ତି ଲୁଚି ରହିଛି ବୋଲି ଅନୁମାନ ଲଗାଯାଉଛି । ଏହି ହ୍ରଦରେ ମୂଲ୍ୟବାନ ଜିନିଷ ପକାଇବାର ପରମ୍ପରା ରହିଛି ।

## ରାତିରେ ପନିର ସେବନ କରିବା ଉଚିତ କି ଅନୁଚିତ



ପନିର ପ୍ରୋଟିନର ଏକ ଉତ୍ତମ ସ୍ରୋତ। ମାତ୍ର ରାତି ସମୟରେ ପନିର ଖାଇବା ଉଚିତ କି ନୁହେଁ। ସ୍ୱାସ୍ଥ୍ୟ ଉପରେ ଏହାର କି ପ୍ରଭାବ ପଡିଥାଏ। ଜାଣନ୍ତୁ..

ରାତିରେ ପନିର ଖାଇବା ଦ୍ୱାରା ପାଚନ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ।

ରାତିରେ ପନିର ଖାଇବା ଦ୍ୱାରା ପେଟ ଫୁଲିବା ଓ ପେଟ ବଢିବା ସମସ୍ୟା ମଧ ଦେଖାଦିଏ।

ରାତିରେ ଅଧିକ ପନିର ସେବନ କରିବା ଦ୍ୱାରା ଶରୀରରେ କୋଲେଷ୍ଟେରୋଲ୍ ସ୍ତର ବୃଦ୍ଧି ହୋଇଥାଏ। ଫଳରେ ହୃଦୟ ଜନିତ ସମସ୍ୟା ମଧ ଦେଖାଦିଏ।

ରାତିରେ ପନିର ଖାଇବା ଦ୍ୱାରା ଶରୀରରେ ଫ୍ୟାଟ୍ ବଢିଥାଏ। ଫଳରେ ମୋଟାପଣ ମଧ ବୃଦ୍ଧି ହୋଇଥାଏ।

ପନିର ଖାଇବା ଦ୍ୱାରା ରାତିରେ ପାଚନ ସମସ୍ୟା ସୃଷ୍ଟି ହୋଇ ନିଦରେ ମଧ ପ୍ରଭାବ ପକାଇଥାଏ। ଫଳରେ ରାତିରେ ସଠିକ ଭାବେ ନିଦ ହୋଇନଥାଏ।

ରାତିରେ ପନିର ଖାଇବା ଦ୍ୱାରା ଗ୍ୟାଷ୍ଟ୍ରିକ ସମସ୍ୟା ମଧ ସୃଷ୍ଟି ହୋଇଥାଏ।ଅଧିକ ପନିର ସେବନ କରିବା ଦ୍ୱାରା ମାନ୍ଦା ଅନୁଭବ ହୋଇଥାଏ।

# ସ୍ୱାସ୍ଥ୍ୟ ପାଇଁ ହିତକର ସପେଟା

ସପେଟା, ଏକ ସ୍ୱାଦିଷ୍ଟ ଏବଂ ଭିଟାମିନ୍‌ରେ ଭରପୂର ଫଳ । ଏକ୍ସପର୍ଟଙ୍କ ଅନୁସାରେ, ପ୍ରତେ୍ୟକ ଦିନ ଗୋଟିଏ ସପେଟା ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିବା ସହିତ ସୌନ୍ଦର୍ଯ୍ୟ ମଧ ବୃଦ୍ଧି ପାଇଥାଏ । ଏଥିରେ ଆଣ୍ଟି ଅକ୍ସିଡେଣ୍ଟ, ଆଣ୍ଟି ଭାଇରଲ, ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଥିବାରୁ ଏହାକୁ ଖାଇବା ଦ୍ୱାରା ମାଂସପେଶୀ ଏବଂ ହାଡ ମଜବୁତ ହେବା ସହିତ କ୍ୟାନ୍ସର ଭଳି ଗମ୍ଭୀର ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା କମ୍ ରହିଥାଏ । ଚାଲନ୍ତୁ ଜାଣିବା ଏହି ଫଳର ବିଶେଷ ଉପକାରିତା ବିଷୟରେ

କ୍ୟାନ୍ସର ରୋଗରୁ ବଞ୍ଚାଇଥାଏ : ଏଥିରେ ଭିଟାମିନ- ଏ ଏବଂ ବି, ଆଇରନ୍, କ୍ୟାଲସିୟମ୍, ଫାଇବର, ଆଣ୍ଟି ଅକ୍ସିଡେଣ୍ଟ, ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଥାଏ । ଏହାକୁ ଖାଇବା ଦ୍ୱାରା ଶରୀରରେ କ୍ୟାନ୍ସର କୋଷକୁ ବୃଦ୍ଧି କରିବାରେ ରୋକିଥାଏ । ଫୁସଫୁସ ଏବଂ ମୁଁଖ କ୍ୟାନ୍ସର ହେବାରୁ ବଞ୍ଚାଇଥାଏ ।

କିଡ୍‌ନୀ ଷ୍ଟୋନ୍ ରୁ ମୁକ୍ତି ଦେଇଥାଏ : କିଡ୍‌ନୀ ଷ୍ଟୋନ୍ ପାଇଁ ଚିନ୍ତିତ ଥିବା ଲୋକଙ୍କୁ ସପେଟା ର ମଞ୍ଜିକୁ ଗୁଣ୍ଡ କରି ଖାଇବା ଉଚିତ । ଏହାକୁ ଖାଇବା ଦ୍ୱାରା




ପଥର, ପରିଶ୍ରା ରେ ବାହାରି ଯାଇଥାଏ । ଏଥି ସହିତ କିଡ୍‌ନୀ ଜନିତ ଅନ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ ।

ଆଖି ପାଇଁ ଲାଭ ଦାୟକ: ସପେଟାରେ ଭିଟାମିନ-ଏ ରହିଥିବା କାରଣରୁ ଆଖିର ଉଜ୍ୱଳ ବଢିବା ସହିତ ଆଖିଜନିତ ସମସ୍ୟାରୁ ବଞ୍ଚାଇଥାଏ । ସେଥିଲାଗି ସମସ୍ତଙ୍କୁ ନିଜର ଡାଏଟ୍ ରେ ଏହାକୁ ଖାଇବା ଉଚିତ ।

ହାଡ ମଜବୁତ କରିଥାଏ : କ୍ୟାଲସିୟମ୍ ରେ ଭରପୁର ସପେଟା କୁ ଖାଇବା ଦ୍ୱାରା ମାଂସପେଶୀ ଏବଂ ହାଡ ମଜବୁତ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ଗଣ୍ଠି ଜନିତ କଷ୍ଟରୁ ମଧ ଉପଶମ ମିଳିଥାଏ ।

ଚିନ୍ତା ଦୂର କରିଥାଏ : ନିଜର ବ୍ୟସ୍ତବହୁଳ ଜୀବନ କାରଣରୁ ବ୍ୟକ୍ତି ସବୁବେଳେ ଚିନ୍ତାରେ ରହିଥାଏ । ଏଥିପାଇଁ ଆଣ୍ଟି-ଅକ୍ସିଡେଣ୍ଟ ଗୁଣରେ ଭରପୁର ସପେଟା ଖାଇବା ଦ୍ୱାରା ମସ୍ତିଷ୍କ ଶାନ୍ତ ରହିବା ସହିତ ଭଲ ନିଦ ହେବାରେ ସାହାଯ୍ୟ କରିଥାଏ ।

# ପକ୍ଷୀତୀର୍ଥ ବେଦଗିରି



ଭଗବାନ ଶିବଙ୍କ ଆଜ୍ଞାକ୍ରମେ ଥରେ ନନ୍ଦୀ ତିନୋଟି ପର୍ବତ ସୃଷ୍ଟି କଲେ। ଏଥିମଧ୍ୟରୁ ଗୋଟିଏ ଥିଲା ବେଦଗିରି । ବେଦଗିରି ଏକ କ୍ଷୁଦ୍ର ପାହାଡ଼ ଥିଲା । ଏବେ ଏହି ପାହାଡ଼ ପାଦଦେଶରେ ଏକ ସହର ରହିଛି, ଯାହାର ନାମ 'ତିରୁକ୍କୁଲୁକ୍କୁନ୍ନମ୍', ଅର୍ଥାତ୍ ପକ୍ଷୀ ତୀର୍ଥ । ତାମିଲନାଡୁର ରାଜଧାନୀ ଚେନ୍ନାଇ ଠାରୁ ୫୬କିମି ଦୂରରେ ଚେଙ୍ଗଲପଟନମ୍ ଷ୍ଟେସନ୍ ରହିଛି । ଏଠାରୁ ୧୪ କିମି ଦୂରତାରେ ରହିଛି ପକ୍ଷୀ ତୀର୍ଥ । ପକ୍ଷୀ ତୀର୍ଥ ଏବଂ ବେଦଗିରି ପର୍ବତ ଏକ ସମତଳ ସ୍ଥାନରେ ରହିଛି । ଏଠାରେ ଦିନ ୧୧ଟାରୁ ଦୁଇଟା ମଧ୍ୟରେ ବହୁ ସଂଖ୍ୟାରେ ପକ୍ଷୀଙ୍କୁ ଦେଖିବାକୁ ମିଳିଥାଏ । ଏହି ପକ୍ଷୀଗୁଡ଼ିକ କୈଳାସ ପର୍ବତରୁ ଆସିଥାନ୍ତି ବୋଲି ବିଶ୍ୱାସ ରହିଛି । ପକ୍ଷୀଙ୍କ ମଧ୍ୟରୁ ଅଧିକାଂଶ କାଉ ଥାଆନ୍ତି। ଏମାନଙ୍କ ବର୍ଣ୍ଣ ଘନ କଳା ହୋଇଥାଏ। ସ୍ଥାନୀୟ ଲୋକେ ଏହି ପକ୍ଷୀକୁ ଚମରଗିଦ୍ଧା, ମଲଗିଦ୍ଧା ନାମରେ ସମ୍ବୋଧନ କରିଥାନ୍ତି । ଉତ୍ତରଭାରତର ରାଜସ୍ଥାନରେ ସାଧାରଣତଃ ଏଭଳି ପକ୍ଷୀ ଅଧିକ ମାତ୍ରାରେ ଦେଖିବାକୁ ମିଳିଥାନ୍ତି । ଲୋକ ବିଶ୍ୱାସ ଅନୁଯାୟୀ, ଏକ ନିଛାଟିଆ ସ୍ଥାନରେ ଗୁମ୍ଫାଟିଏ ରହିଛି । ସେହି ଗୁମ୍ଫାରେ ଜଣେ ପଣ୍ଡିତ ଅଛନ୍ତି, ସେ ଏହି ପକ୍ଷୀସବୁକୁ ପାଳିଛନ୍ତି । ନିର୍ଦ୍ଦିଷ୍ଟ ସମୟରେ ସେ ପକ୍ଷୀ ଛାଡ଼ିଦେଇଥାନ୍ତି । ଭୋଜନ ଲୋଭରେ ପକ୍ଷୀଗୁଡ଼ିକ ବେଦଗିରି ନିକଟକୁ ଉଡ଼ିଆସନ୍ତି । ଏମାନଙ୍କ ଦ୍ୱାରା ବଳକା ରହିଥିବା ଭୋଜନ ତୀର୍ଥଯାତ୍ରୀ ପ୍ରସାଦ ରୂପରେ ଗ୍ରହଣ କରିଥାନ୍ତି । ସେଥିପାଇଁ ଏହି ତୀର୍ଥର ନାମ ପକ୍ଷୀତୀର୍ଥ ହୋଇଛି । ପକ୍ଷୀତୀର୍ଥ ନିକଟରେ ରହିଛି ରୁଦ୍ରକୋଟି ଶିବ ମନ୍ଦିର । ଏଠାରେ ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କୁ ପୂଜା କରାଯାଇଥାଏ ।

ମା' ପାର୍ବତୀ ଏଠାରେ ଅଭିରାମନାୟକୀ ନାମରେ ପୂଜା ପାଉଛନ୍ତି । ମନ୍ଦିରରେ ଶଙ୍କରତୀର୍ଥ ନାମକ ସରୋବର ରହିଛି । ପୌରାଣିକ ମାନ୍ୟତା ଅନୁଯାୟୀ, ବୃହସ୍ପତି କନ୍ୟା ରାଶିରେ ପ୍ରବେଶ କଲେ ଏହି ସରୋବରରୁ ଏକ ଶଙ୍ଖ ଉତ୍ପନ୍ନ ହୋଇଥାଏ । ସେହିପରି ପକ୍ଷୀତୀର୍ଥ ନିକଟରେ ଥିବା ବେଦଗିରି ପର୍ବତ ଉପରେ ଏକ ଶିବ ମନ୍ଦିର ରହିଛି । ଏହି ଶିବମନ୍ଦିରରେ ସ୍ୱୟମ୍ଭୁ ଶିବଲିଙ୍ଗ ପୂଜା ପାଉଛନ୍ତି । ମହାଦେବଙ୍କୁ ଏଠାରେ ଶ୍ରୀବେଦଗିରିଶ୍ୱର ନାମରେ ପୂଜା କରାଯାଇଥାଏ । ୫୦୦ଟି ପାହାଚ ଚଢ଼ି ପର୍ବତ ଉପରକୁ ଗଲେ ସ୍ୱୟମ୍ଭୁ ଭଗବାନ ଶିବଙ୍କ ଦର୍ଶନ ମିଳିଥାଏ ।

## ସପୁରି ବଢ଼ାଏ ରୋଗ ପ୍ରତିଷେଧକ ଶକ୍ତି

ଓଜନ କମାଇବାକୁ ସମସ୍ତେ ଚାହାନ୍ତି, କାରଣ ଓଜନ ପାଇଁ ଯେତେ ସବୁ ସମସ୍ୟା । ଆଜି ଆମେ ଏମିତ କିଛି ଟିପ୍ସ ଦେବୁ ଯାହାଦ୍ୱାରା ଆପଣ ଓଜନ କମାଇବା ସହ ଇମ୍ୟୁନିଟି ବା ପ୍ରତିଷେଧକ ଶକ୍ତି



ବଢ଼ାଇ ପାରିବେ । ଓଜନ କମାଇବା ପାଇଁ ସବୁଠୁ ଭଲ ଉପାୟ ଆପଣଙ୍କ ଖାଦ୍ୟରେ ଅଧିକ ଫଳ ସାମିଲ କରିବା । ଫଳରେ ଫାଇବର ଓ ଭିଟାମିନ ପ୍ରଚୁର ମାତ୍ରାରେ ମିଳିଥାଏ ଯଦ୍ୱାରା ମେଟାବୋଲିଜିମ ଠିକ୍ ହୋଇଥାଏ ଏବଂ ଓଜନ କମାଇବାରେ ସାହାଯ୍ୟ ମିଳିଥାଏ । ସପୁରି ଖାଇବା ଦ୍ୱାରା ମିଳିଥାଏ ଏହି ଫାଇଦା-

– ମୋଟାପଣ କମ କରିବା ପାଇଁ ସପୁରୀ ଖାଇବା ଜରୁରୀ ଅଟେ। ଏହାଦ୍ୱାରା ଓଜନ କମିବା ସହିତ ହାଡ଼ ମଧ୍ୟ ମଜଭୁତ ହୋଇଥାଏ।

– ସପୁରୀରୁ ମିଳିଥାଏ ବହୁତ ମାତ୍ରାରେ ଫାଇବର ଯାହାଦ୍ୱାରା ପାଚନ ତନ୍ତ୍ର ମଜବୁତ ହୋଇଥାଏ।

– ସପୁରୀ ଖାଇବା ଦ୍ୱାରା ଶରୀରରେ ଲେପଟିନ ହର୍ମୋନ କମ ହୋଇଥାଏ ଯଦ୍ୱାରା ଓଜନକୁ ନିୟନ୍ତ୍ରଣ କରାଯାଇ ପାରେ। ଯାହାଙ୍କର ଓଜନ ଅଧିକ ହୋଇଥାଏ ତାଙ୍କ ଶରୀରରେ ଲେପଟିନର ମାତ୍ରା ଅଧିକ ହୋଇଥାଏ ।

– ହାଡ଼ ମଜଭୁତ କରିବା ପାଇଁ ଆପଣଙ୍କୁ ସପୁରି ନିଶ୍ଚିତ ଭାବରେ ଖାଇବା ଆବଶ୍ୟକ। ଏଥିରେ ମାଗ୍ନେସିଅମ ଏବଂ କ୍ୟାଲସିୟମ ରହିଥାଏ ଯାହା ହାଡର ଦୁର୍ବଳତାକୁ ଦୂର କରିଥାଏ ।

– ସପୁରୀରେ ଏଣ୍ଟିଇଂଫ୍ଲେମେଟରୀ ଗୁଣ ମିଳିଥାଏ ଯାହାଦ୍ୱାରା ଆସ୍ଥମା ସମସ୍ୟା ଦୂର ହୋଇଥାଏ। କୌଣସି ଅଙ୍ଗ ଫୁଲି ଯାଇଥିଲେ, ସପୁରି ଖାଇବା ଦ୍ୱାରା ଭଲ ହୋଇଯାଇଥାଏ।

– ସପୁରୀ ଇମ୍ୟୁନିଟି ବଢ଼ାଇବାରେ ସାହାଯ୍ୟ କରିଥାଏ। ଏହାକୁ ଖାଇବା ଦ୍ୱାରା ଥଣ୍ଡା କାଶ ଏବଂ ଜ୍ୱର ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ। ସପୁରୀ ଖାଇବା ଦ୍ୱାରା କ୍ୟାନସର ଭଳି ଗମ୍ଭୀର ରୋଗର ବିପତ୍ତି ଠାରୁ ରକ୍ଷା ମିଳିଥାଏ।

# ଆଜିଠୁ ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍

ଭୁବନେଶ୍ୱର, ୧୦।୧୦ :- ଆସନ୍ତାକାଲି ଠାରୁ ଅର୍ଥାତ୍ ଅକ୍ଟୋବର ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍‌ର ଆୟୋଜନ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ଆଥଲେଟିକ୍ସ ସେଣ୍ଟର ଠାରେ କରାଯିବ। ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ, ଭାରତୀୟ ଟେବୁଲ ଟେନିସ୍ ମହାସଂଘ, ଏସିଆନ୍ ଟେବୁଲ ଟେନିସ୍ ୟୁନିୟନ, ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏସନ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯିବ। ଦୀର୍ଘ ୧୬ ବର୍ଷ ପରେ ଭାରତରେ ଏସୀୟ ଟେବୁଲ ଟେନିସ୍ ଚାମ୍ପିୟାନସିପ୍ ର ଆୟୋଜନ କରାଯାଉଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍ ଆୟୋଜିତ ହେଉଛି।

୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପରେ ପ୍ରାୟ ୨୨ଟି ଦେଶ ଯଥା ଭାରତ, ଚୀନ, ଜାପାନ, କୋରିଆ ରିପବ୍ଲିକ, ଡେମୋକ୍ରାଟିକ ପିପୁଲ୍ସ ରିପବ୍ଲିକ ଅଫ କୋରିଆ, ତାଇୱାନ, ହଙ୍ଗକଙ୍ଗ, ସିଙ୍ଗାପୁର, ଚାଇନିଜ ମକାଓ, ବାଙ୍ଗଲାଦେଶ, ଇରାନ, କଜାକିସ୍ତାନ, କିର୍ଗିସ୍ତାନ, ମାଲେସିଆ, ମାଳଦୀପ, ମଙ୍ଗୋଲିଆ, ନେପାଳ, ଓମାନ, କତାର, ଶ୍ରୀଲଙ୍କା, ଥାଇଲାଣ୍ଡ, ଉଜବେକିସ୍ତାନରୁ ୫୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ?, ସପୋର୍ଟ ଷ୍ଟାଫ ଆଦି ଅଂଶଗ୍ରହଣ କରିଛନ୍ତି। ଉଭୟ ପୁରୁଷ ଓ ମହିଳା ଟିମ୍ ଏହି ଚାମ୍ପିୟନସିପ୍ ?ରେ ଅଂଶଗ୍ରହଣ କରୁଛନ୍ତି। ଏହି ଚାମ୍ପିୟନସିପ୍ ?ରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟିମ୍ ଗୁଡ଼ିକ ଆଗାମୀ ଦିନରେ ଲଣ୍ଡନରେ ଆୟୋଜିତ ହେବାକୁ ଥିବା ଆଇଆଇଟିଏଫ ୱାର୍ଲଡ଼ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍-୨୦୨୬ ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ।




ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଶ୍ୱର ଟପ୍ ରାଙ୍କିଂ ଟେବୁଲ ଟେନିସ୍ ଖେଳାଳୀମାନେ ଏହି ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍ ରେ ଅଂଶ ଗ୍ରହଣ କରିଛନ୍ତି। ଭାରତରୁ ମହିଳା ବିଭାଗରେ ଶ୍ରୀଜା ଅକୁଳା, ମନିକା ବତ୍ରା, ଦିୟା ଚିତଲେ, ଯଶସ୍ୱିନୀ ଘୋରପଡ଼େ, ସ୍ୱସ୍ତିକା ଘୋଷ ଏବଂ ପୁରୁଷ ବିଭାଗରେ ଅଙ୍କୁର ଭଟ୍ଟାଚାର୍ଯ୍ୟ, ପୟାସ ଜୈନ୍, ମାନୁଷ ଶାହା, ସ୍ନେହିତ ସୁରବଜ୍ଜୁଲା, ମାନବ ଠକ୍କର ଆଦି କ୍ରୀଡାବିତ୍ ? ଅଂଶଗ୍ରହଣ କରିଛନ୍ତି। ଇତି ମଧ୍ୟରେ ବିଭିନ୍ନ ଦେଶରୁ କ୍ରୀଡ଼ାବିତ୍ ?ମାନେ ଆସି ଭୁବନେଶ୍ୱର ଠାରେ ପହଞ୍ଚିଛନ୍ତି। ଖେଳାଳୀମାନେ ପ୍ରତିଯୋଗିତା ପାଇଁ ନିଜର ଅଭ୍ୟାସ ମଧ୍ୟ ଆରମ୍ଭ କରିଛନ୍ତି। ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତିକୁ ବିଭାଗ ପକ୍ଷରୁ ସୁନିଶ୍ଚିତ କରାଯାଇଛି। ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ ଦ୍ୱାରା ସ୍ୱୀକୃତ ବିଶ୍ୱ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା, କ୍ରୀଡ଼ାବିତ୍‌ମାନଙ୍କର ଆତିଥ୍ୟ, ରହଣି ଓ ସୁରକ୍ଷା ବ୍ୟବସ୍ଥା ଆଦିକୁ ସୁନିଶ୍ଚିତ କରାଯାଇଛି। ଏଥିସହିତ ବିଗତ ଅକ୍ଟୋବର ୬ ତାରିଖରେ ଟେବୁଲ ଟେନିସ୍ ? ଟିମ୍ ଚାମ୍ପିୟନସିପ୍ ଟ୍ରଫି ଅନାବରଣ କାର୍ଯ୍ୟକ୍ରମ ଆୟୋଜିତ ହେବା ସହିତ ଇତି ମଧ୍ୟରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ମହାବିଦ୍ୟାଳୟ, ସପିଙ୍ଗ ମଲ୍ ଆଦିରେ ଟ୍ରଫି ଟୁର୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଲୋକମାନଙ୍କ ମଧ୍ୟରେ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍ ?ର ଆୟୋଜନକୁ ନେଇ ମଧ୍ୟ ଉତ୍ସାହ ପରିଲକ୍ଷିତ ହୋଇଛି। ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଂଟ ପାଇଁ ବୁକ୍ ମାଇ ସୋ (ଇକ୍ଟକ୍ଟଳ ଗଚ୍ଛ ୠଷକ୍ଟଙ୍ଗ) ୱେବ୍ସାଇଟରେ ମଧ୍ୟ ଟିକେଟ ବୁକିଂ ବ୍ୟବସ୍ଥା କରାଯାଇଛି। କ୍ରୀଡ଼ାପ୍ରେମୀ ଓ ଦର୍ଶକମାନେ ବୁକ୍ ମାଇ ସୋ (ଇକ୍ଟକ୍ଟଳ ଗଚ୍ଛ ୠଷକ୍ଟଙ୍ଗ) ୱେବ୍ସାଇଟକୁ ଯାଇ ଏସୀୟ ଟେବୁଲ ଟେନିସ୍ ଚାମ୍ପିୟନସିପ୍ ଦେଖିବା ପାଇଁ ନିଜର ଟିକେଟ ବୁକ୍ କରିପାରିବେ ବୋଲି କହିଛନ୍ତି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ।ଏଥିସହିତ କଳିଙ୍ଗ ଷ୍ଟାଡ଼ିୟମ ଠାରେ ଆଜିଠାରୁ ୪୦ତମ ନ୍ୟାସନାଲ ଜୁନିୟର ଆଥଲେଟିକ୍ସ ଚାମ୍ପିୟନସିପ୍ ? ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହା ଆସନ୍ତା ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ପ୍ରାୟ ୨୦୦୦ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶାରୁ ୩୮ଜଣ ପୁରୁଷ ଏବଂ ୩୭ଜଣ ମହିଳା ସର୍ବମୋଟ ୭୫ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାରେ ଏକା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଟୁର୍ଣ୍ଣାମେଣ୍ଟର ଆୟୋଜନ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ବିଗତ ଅଗଷ୍ଟ ମାସରେ ଭାରତର ପ୍ରଥମ ୱାର୍ଲଡ଼ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜର ଆୟୋଜନ ମଧ୍ୟ କଳିଙ୍ଗ ଷ୍ଟାଡ଼ିୟମରେ ସଫଳତାର ସହ କରାଯାଇଥିଲା। ବିଶ୍ୱ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଠାରୁ ନେଇ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାର ଆୟୋଜନ କରିବା ସହ ବିଶ୍ୱ କ୍ରୀଡ଼ା ଜଗତରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଛନ୍ତି।ଆଜିର କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଏସିଆ ଟେବୁଲ ଟେନିସ୍ ୟୁନିୟନ୍ ର ରିଜନାଲ ଭାଇସ୍ ପ୍ରେସିଡ଼େଂଟ ଶେଖ୍ ହୟାତ୍ ଅଲ୍ ଖଲିଫା, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଏନ. ଗଣେଶନ, ଅଲମ୍ପିୟାନ୍ ତଥା ପଦ୍ମଶ୍ରୀ ଅଚନ୍ତା ଶରତ କମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଏସିଆ କପ ଟ୍ରଫିକୁ ତାଲା ପକାଇଦେଇଛନ୍ତି ନକଭି

ଲାହୋର: ଦୁବାଇର ଏସୀୟ କ୍ରିକେଟ ପରିଷଦ (ଏସିସି) ମୁଖ୍ୟାଳୟରେ ଏସିଆ କପ୍ ଟ୍ରଫିକୁ ତାଲାପକାଇ ରଖାଯାଇଛି। ଏସିସି ମୁଖ୍ୟ ମୋହସିନ୍ ନକଭି ନିର୍ଦ୍ଦେଶ ଦେଇଛନ୍ତି ଯେ ତାଙ୍କ ଅନୁମୋଦନ ବିନା ଟ୍ରଫିକୁ କେହି ଘୁଞ୍ଚ ?ଇ ମଧ୍ୟ ପାରିବେ ନାହିଁ, ଭାରତକୁ ହସ୍ତାନ୍ତର କରିବା ତ ଦୂରର କଥା।

ସୂଚନା ଅନୁସାରେ ନକଭି ନିର୍ଦ୍ଦେଶ ଦେଇଛନ୍ତି ଯେ ଟ୍ରଫିକୁ ତାଙ୍କ ବିନା ଅନୁମତିରେ କାହାକୁ ଦିଆଯିବ ନାହିଁ। କେବଳ ସେ ବ୍ୟକ୍ତିଗତ ରୂପରେ ବିସିସିଆଇ ବା ଭାରତୀୟ ଦଳକୁ ହସ୍ତାନ୍ତର କରିବେ।




ସୂଚନାଯୋଗ୍ୟ ଯେ ଭାରତ ସେପ୍ଟେମ୍ବର ୨୮ ତାରିଖରେ ଦୁବାଇରେ ଏସିଆ କପ୍ ଫାଇନାଲରେ ପାକିସ୍ତାନକୁ ପରାସ୍ତ କରିଥିଲା। ଏସିଆ କପ୍ ଜିତିବା ପରେ, ଭାରତୀୟ ଦଳ ନକଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ମନା କରିଦେଇଥିଲା। ତା'ପରେ ନକଭି ଏହାକୁ ନିଜ ସହିତ ନେଇଯାଇଥିଲେ ଏବଂ ସେବେଠାରୁ ଏହା ଏସିସି କାର୍ଯ୍ୟାଳୟରେ ଅଛି। ଏହାକୁ ନେଇ ବିସିସିଆଇ ଓ ପିସିବି ମଧ୍ୟରେ ବିବାଦ ବଢ଼ିଚାଲିଛି। ନକଭିଙ୍କ ଆଭିମୁଖ୍ୟ ପରେ ବିସିସିଆଇର ପରବର୍ତ୍ତି କାର୍ଯ୍ୟପନ୍ଥା ଉପରେ ସମସ୍ତଙ୍କ ନଜର ରହିବ। ସୂଚନା ଅନୁସାରେ ଆସନ୍ତା ମାସରେ ଆଇସିସି ବୈଠକରେ ଏହି ପ୍ରସଙ୍ଗ ଉଠାଇବାକୁ ନିଷ୍ପତ୍ତି ନେଇଛି। ନକଭିଙ୍କୁ ନିନ୍ଦା କରିବା ଏବଂ ତାଙ୍କୁ ଆଇସିସି ନିର୍ଦ୍ଦେଶକ ପଦରୁ ବହିଷ୍କାର କରିବା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି କଳ୍ପନାଜଳ୍ପନା ଚାଲିଛି।

# ଦିନିକିଆ ବିଶ୍ୱକପ ଖେଳିବା ପାଇଁ ଘରୋଇ ଟୁର୍ଣ୍ଣାମେଣ୍ଟ ଖେଳିବେ ରୋହିତ-ବିରାଟ

ମୁମ୍ବାଇ, ୧୦।୧୦: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ଜାନୁୟାରୀରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦିନିକିଆ ସିରିଜ ପୂର୍ବରୁ ବିଜୟ ହଜାରେ ଟ୍ରଫିରେ ଅତି କମରେ ତିନୋଟି ମ୍ୟାଚ୍ ଖେଳିବେ ବୋଲି ଆଶା କରାଯାଉଛି, ଯଦି ସେମାନେ ୨୦୨୭ ବିଶ୍ୱକପ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି। ଉଭୟ ଖେଳାଳି ଅକ୍ଟୋବର ୧୯ରୁ ଅଷ୍ଟ୍ରେଲିଆ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଆନ୍ତର୍ଜାତୀୟ କ୍ରିକେଟକୁ ଫେରିବେ।

ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ



ସିରିଜ (୩୦ ନଭେମ୍ବରରୁ ୬ ଡିସେମ୍ବର) ଶେଷ ହେବା ଓ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ସିରିଜ (୧୧-୧୮ ଜାନୁୟାରୀ) ଆରମ୍ଭ ହେବା ମଧ୍ୟରେ ପାଞ୍ଚ ସପ୍ତାହର ବ୍ୟବଧାନ ରହିଛି। ଏହି ସମୟରେ ବିଜୟ ହଜାରେ ଟ୍ରଫି ୨୪ ଡିସେମ୍ବରରୁ ଆରମ୍ଭ ହେବ, ଯେଉଁଥିରେ ମୁମ୍ବାଇ ଓ ଦିଲ୍ଲୀ ପାଇଁ ଛଅଟି ରାଉଣ୍ଡ ମ୍ୟାଚ୍ ଖେଳାଯିବ (୨୪, ୨୬, ୨୯, ୩୧ ଡିସେମ୍ବର, ୩, ୬, ୮ ଜାନୁୟାରୀ)। ଜାତୀୟ ଚୟନକର୍ତ୍ତାମାନେ ରୋହିତ ଓ ବିରାଟଙ୍କୁ ଏହି ୫୦ ଓଭର ଟୁର୍ଣ୍ଣାମେଣ୍ଟରେ ଅତି କମରେ ତିନୋଟି ମ୍ୟାଚ୍ ଖେଳିବାକୁ ଆଶା କରୁଛନ୍ତି।

ବିସିସିଆଇ ଚୟନ କମିଟି ଅଧକ୍ଷ ଅଜିତ ଅଗରକର ସ୍ପଷ୍ଟ କରିଛନ୍ତି ଯେ, ସମସ୍ତ କେନ୍ଦ୍ରୀୟ ଚୁକ୍ତିଭୁକ୍ତ ଖେଳାଳିଙ୍କୁ, ଯେଉଁମାନେ ଫିଟ ଓ ଉପଲବ୍ଧ, ଘରୋଇ କ୍ରିକେଟ ଖେଳିବାକୁ ପଡ଼ିବ। ଏକ ବିସିସିଆଇ ସୂତ୍ର କହିଛି, "ରୋହିତ ଓ ବିରାଟଙ୍କୁ ବିଜୟ ହଜାରେ ଟ୍ରଫିରେ ଅତି କମରେ ତିନୋଟି ମ୍ୟାଚ୍ ଖେଳିବାକୁ ପଡ଼ିବ।" ଏପରିକି ରବିଚନ୍ଦ୍ରନ ଅଶ୍ୱିନ ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ କହିଛନ୍ତି ଯେ, ରୋହିତ ଓ ବିରାଟଙ୍କୁ ଫର୍ମରେ ରହିବା ପାଇଁ ଘରୋଇ କ୍ରିକେଟ ଖେଳିବା ଆବଶ୍ୟକ। ସେ ପରାମର୍ଶ ଦେଇଛନ୍ତି ଯେ, ଭାରତ 'ଏ' ସିରିଜ କିମ୍ବା ବିଜୟ ହଜାରେ ଟ୍ରଫି ଖେଳି ସେମାନଙ୍କ ଫର୍ମ ମୂଲ୍ୟାୟନ କରାଯାଇ ପାରିବ।

# ଜୟସ୍ୱାଲଙ୍କ ଶତକ, ଭାରତ ୩୧୮/୨

ନୂଆଦିଲ୍ଲୀ, ୧୦।୧୦: ଅହମଦାବାଦ ଟେଷ୍ଟ ଅଢେଇ ଦିନରେ ସରିଥିଲା। ଆଜି ଠାରୁ ଦିଲ୍ଲୀରେ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହୋଇଛି। ଏହି ଟେଷ୍ଟର ପ୍ରଥମ ଦିନରେ ବି ଭାରତୀୟ ଟିମର ଦବଦବା ଦେଖିବାକୁ ମିଳିଛି। ଓପନର ଯଶସ୍ୱୀ ଜୈସୱାଲଙ୍କ ଅପରାଜିତ ୧୭୩ ରନ ବଳରେ ଭାରତୀୟ ଟିମ ଦୃଢ଼ ସ୍ଥିତିରେ ପହଞ୍ଚି ଯାଇଛି।ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଭାରତୀୟ ଟିମ ୨ ୱିକେଟ ହରାଇ ୩୧୮ ରନ କରି ନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଜୈସୱାଲ ୧୭୩ ଓ ଅଧିନାୟକ ଶୁବମନ ଗିଲ ୨୦ ରନ କରି ଅପରାଜିତ ରହିଛନ୍ତି। ଭାରତ ହାତରେ ଆହୁରି ୮ଟି ୱିକେଟ ଥିବା ପ୍ରଥମ ଇନିଂସରେ ଦଳ ବଡ ସ୍କୋର ଲକ୍ଷ୍ୟରେ ରହିଛି। ଆଜି ଟେଷ୍ଟ) କ୍ୟାରିୟରର ୭ମ ଶତକ ହାସଲ କରିଥିବା ଜୈସୱାଲ ଡବଲ ଟନ୍ ହାସଲ କରିପାରୁଛନ୍ତି କି ନାହିଁ, ତା' ଉପରେ ସମସ୍ତଙ୍କ ନଜର ରହିଛି। ପ୍ରଥମ ଦିନରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ୯୦ ଓଭର ବୋଲିଂ କରିଥିଲେ ହେଁ କେବଳ ୨ଟି ୱିକେଟ ନେଇପାରିଛି। କେଏଲ ରାହୁଲ ୩୮ ରନ ଓ ଯୁବ ତାରକା ସାଇ ସୁଦର୍ଶନ ୮୭ ରନ କରି ଆଉଟ କରିଛନ୍ତି। ଉଭୟଙ୍କୁ ବାମହାତୀ ସ୍ପିନର ଜୋମେଲ ୱାରିକନ ଆଉଟ କରିଛନ୍ତି।

ଆଜି ପ୍ରଥମ ସେସନ୍‌ରେ ଭାରତ ଗୋଟିଏ ୱିକେଟ ହରାଇ ୯୪ ରନ କରିଥିଲା। ଲଞ୍ଚରୁ ଟି' ଯାଏ ଦଳ କୌଣସି ୱିକେଟ ହରାଇ ନଥିଲା। ଜୈସୱାଲ ଓ ସୁଦର୍ଶନ ୩୦ ଓଭର ବ୍ୟାଟିଂ କରି ୧୨୬ ରନ ଯୋଡିଥିଲେ। ଯଶସ୍ୱୀଙ୍କ ବ୍ୟାଟରୁ ଶତକ ଓ ସୁଦର୍ଶନ ଅର୍ଦ୍ଧଶତକ ମାରିଥିଲେ। ଚା' ପାନ ବିରତି ପରେ ଭାରତୀୟ ଟିମ ୩୨

## ଶତକରୁ ବଂଚିତ ହେଲେ ସାଇ

ଓଭର ବ୍ୟାଟିଂ କରି ୯୮ ରନ ଯୋଡିବା ସହ ସାଇଙ୍କୁ ହରାଇଛି।

ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ପାଇଁ ରାହୁଲ ଓ ଜୈସୱାଲ ସତର୍କତାର ସହ ଇନିଂସ ଆରମ୍ଭ କରିଥିଲେ। ଜୈସୱାଲ ବଲର ପେସ୍ ଓ ସୁଇଂକୁ ପ୍ରଥମେ ସମ୍ମାନ ଦେଇଥିଲେ। କିନ୍ତୁ ରାହୁଲ କିଛି ହାତ ଖୋଲା ଶଟ ମାରିଥିଲେ। ଉଭୟ ପ୍ରଥମ ୱିକେଟ ପାଇଁ ୫୮ ରନ ଯୋଡିଥିଲେ। ଏତିକି ବେଳେ ୱାରିକାନଙ୍କ ଗୋଟିଏ ଚମତ୍କାର ବଲରେ ଷ୍ଟମ୍ପିଂ ହୋଇ ଯାଇଥିଲେ ରାହୁଲ। ଏହାପରେ କ୍ରିଜକୁ ଆସିଥିଲେ ସାଇ। ସେ ଜୈସୱାଲଙ୍କ ସହ ମିଶି ଭାରତର ସ୍କୋରକୁ ଆଗକୁ ନେଇଥିଲେ। ଜୈସୱାଲ ମଧ୍ୟ ୧୪୫ ବଲରେ ନିଜ ଟେଷ୍ଟ କ୍ୟାରିୟରର ୭ମ ଶତକ ହାସଲ କରିଥିଲେ। ସାଇଙ୍କ ବ୍ୟାଟରୁ ତାଙ୍କ କ୍ୟାରିୟରର ଦ୍ୱିତୀୟ ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। ଜୈସୱାଲ ଓ ସାଇ ସେଟ ହୋଇସାରିଥିବାରୁ ଦ୍ରୁତଗତିରେ ରନ ସଂଗ୍ରହ ଆରମ୍ଭ କରିଥିଲେ। ଏପରି କି ଦ୍ୱିତୀୟ ୱିକେଟ ପାଇଁ ୧୯୭ ରନ ଯୋଡିଥିଲେ। ଚା' ପାନ ବିରତି ପରେ ସାଇ ନିଜର ମେଡେନ ଟେଷ୍ଟ ସେଞ୍ଚୁରୀ ଅଭିମୁଖେ ଯାଇଥିଲେ। କିନ୍ତୁ ଦଳୀୟ ସ୍କୋର ୨୫୧ ରନ ରହିଥିବା ବେଳେ ବ୍ୟକ୍ତିଗତ ୮୭ ରନ କରି ୱାରିକାନଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ ସାଇ। ସେ ୧୬୫ ବଲର ସାମ୍ନା କରି ୧୨ଟି ଚୌକା ବଳରେ ଏହି ରନ କରିଛନ୍ତି। ସାଇଙ୍କ ପରେ କ୍ରିଜକୁ ଆସିଥିଲେ ଅଧିନାୟକ ଗିଲ। ସେ ଜୈସୱାଲଙ୍କ ସହ ମିଶି ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ। ଉଭୟ ୨୫୧ରୁ ଦଳୀୟ ସ୍କୋରକୁ ନେଇ ୩୧୮ରେ ପହଞ୍ଚାଇ ଦେଇଛନ୍ତି। ଜୈସୱାଲ ମଧ୍ୟ ନିଜର ୧୫୦ ରନ ପୂରଣ କରି ନେଇଛନ୍ତି।ଆଜି ଅପରାଜିତ ୧୭୩ ରନର ଇନିଂସଖେଳିଥିବା ଜୈସୱାଲ ୨୨ଟି ଚୌକା ମାରିଛନ୍ତି। ବଡ ଶଟ ଖେଳିବାରେ ଜଣାଶୁଣା ଜୈସୱାଲ ଆଜି କୌଣସି ଛକା ମାରି ନାହାନ୍ତି। ଗିଲଙ୍କ ବ୍ୟାଟରୁ ୨୦ ରନର ଅପରାଜିତ ଇନିଂସରେ ୩ଟି ଚୌକା ଦେଖିବାକୁ ମିଳିଛି।




# ଚକରା ବିଷୋୟୀ ରାଜ୍ୟସ୍ତରୀୟ ଫୁଟବଲ : ଚମ୍ପିୟାନ ହେଲେ ଭଞ୍ଜନଗର

ଭଞ୍ଜନଗର, ୧୦।୧୦: ଗଞ୍ଜାମ ଜିଲା ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ରାଜ୍ୟ ସ୍ତରୀୟ ଚକରା ବିଷୋୟୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଫାଇନାଲ ମ୍ୟାଚ୍। ଏହା ଭଞ୍ଜନଗର ନରେଶ ଏକାଦଶ ଓ ଆୟୋଜକ ଭଞ୍ଜନଗର ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା। ଏକ କଡ଼ା ସଂଘର୍ଷ ପୂର୍ଣ୍ଣ ମ୍ୟାଚ୍‌ରେ ଆୟୋଜକ ଭଞ୍ଜନଗର ଫୁଟବଲ କ୍ଲବ ୨-୧ ଗୋଲରେ ଚମ୍ପିୟାନ ହୋଇଥିଲା। ଭଞ୍ଜନଗର ଉପ ଜିଲାପାଳ ଉମାଶଙ୍କର ବେହେରା ମୁଖ୍ୟ ଅତିଥି ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଡ. ଦୀପକ କୁମାର ମିଶ୍ର, ଅତିରିକ୍ତ ତହସିଲଦାର ଅବିନାଶ ମହାର, ସରପଞ୍ଚ ପ୍ରତିନିଧି ସୁବାଷ ବରାଡ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ।

ଚମ୍ପିୟାନ ଦଳକୁ ୨୨,୨୨୨ ଟଙ୍କା ଓ ଟ୍ରଫି ଏବଂ ରନରସ ଅପ୍ ଟିମ୍ କୁ ୧୭,୭୭୭ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଆଜିର ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳୀ ନରେଶ ଏକାଦଶର ସୋରେନ୍, ଶ୍ରେଷ୍ଠ ଗୋଲକିପର ଆୟୋଜକ ଟିମ୍ ର ଭିକାରୀ ବିଷୋୟୀ, ଶ୍ରେଷ୍ଠ ଡିଫେନ୍ସ ଖେଳାଳୀ ଆଶିଷ, ଶ୍ରେଷ୍ଠ ସ୍କୋରରର ଗୋଧି ଏବଂ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳୀ ଭାବେ ପୁରସ୍କାର ଭିକିଙ୍କୁ ପ୍ରଦାନ କରାଯାଇଥିଲା। ମ୍ୟାଚ୍ ଗୁଡ଼ିକୁ ଜାତୀୟ ରେଫରି ସୁବ୍ରତ କୁମାର ପୁରୋହିତ, ରାଜ୍ୟ ସ୍ତରୀୟ ରେଫରୀ ପି ରମେଶ, ସଲିଲ କୁମାର ବେହେରା, ବାପୁନା ସିଂ, ବିଚିତ୍ର ଜେନା, ମ୍ୟାଚ୍ କମିଶନର ପି ଆନନ୍ଦ ରାଓ ପରିଚାଳନା କରିଥିଲେ। ପ୍ରଶାନ୍ତ ମହାନ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ। ଖେଳକୁ ପରିଚାଳନା କରିବାରେ ବାପୁନା ମହାନ୍ତି, ଦିଲ୍ଲୀପ ମଲ୍ଲିକ, ଚିଦାନନ୍ଦ ସ୍ୱାଇଁ, ଦୀପକ ସେଠୀ, ନୃସିହଂ ନାଥ ପ୍ରଧାନ, ସୁଚିତ୍ର ଜେନା, ଦୀପଜାଳି ସାହୁ, ସ୍ମୃତିମୟୀ ମିଶ୍ର, ଭାର୍ଗବୀ ସ୍ୱାଇଁ, କ୍ରୀଷ୍ଣା ପରିଡା, ଜଗନ୍ ପୋଲେଇ ପ୍ରମୁଖ ସହଯୋଗ କରିଥିଲେ।

# ରାଉରକେଲା ଇସ୍ପାତ କାରଖାନା ମୁକ୍ତ ବିଦ୍ୟାଳୟ ଫୁଟବଲ୍

ରାଉରକେଲା, ୧୦।୧୦: ରାଉରକେଲା ଇସ୍ପାତ କାରଖାନା ମୁକ୍ତ ବିଦ୍ୟାଳୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ସେକ୍ଟର ୬ସ୍ଥିତ ଇସ୍ପାତ ଷ୍ଟାଡିୟମଠାରେ ଆରମ୍ଭ ହୋଇଛି। ସହର ସେବା ଓ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି ଜି କାନେକର ଏହାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ ଘୋଷଣା କରିଥିଲେ। ଏହି ଅବସରରେ ସହର ସେବା ବିଭାଗର ଜିଏମ୍ ଏ କେ ସାବତଙ୍କ ସମେତ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଓ ବିଶିଷ୍ଟ କ୍ରୀଡ଼ାବିତ, ବହୁ ସଂଖ୍ୟାରେ କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ।

ଶ୍ରୀ କାନେକର ତାଙ୍କ ଉଦ୍‌ଘାଟନୀ ବକ୍ତବ୍ୟରେ ପିଲାମାନଙ୍କୁ କ୍ରୀଡ଼ାରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ କାରଣ ଏହା କେବଳ ଶାରୀରିକ ସୁସ୍ଥତା ନୁହେଁ ବରଂ ଶୃଙ୍ଖଳା, ନେତୃ ଏବଂ ସ୍ଥିରତା ଭଳି ଗୁରୁତ୍ୱପୂର୍ଣ୍ଣ ଗୁଣ ମଧ୍ୟ ବିକାଶ କରିବାରେ ସାହାଯ୍ୟ କରିଥାଏ। ପ୍ରାରମ୍ଭରେ, ଶ୍ରୀ ସାବତ ଉପସ୍ଥିତ ସମସ୍ତଂକୁ ସ୍ୱାଗତ ଜଣାଇଥିଲେ ସିଲିକନ ଷ୍ଟିଲ ମିଲ୍ ବିଭାଗର ଶ୍ରୀ ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ଉପଲକ୍ଷେ ଶ୍ରୀ କାନେକର ଫୁଟବଲକୁ କିକ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ନକ୍ ଆଉଟ ଆଧାରରେ ଖେଳାଯାଉଛି। ଯେଉଁଥିରେ ମୋଟ ୩୭ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଦଶମ ଶ୍ରେଣୀ ବାଳକ ପର୍ଯ୍ୟନ୍ତ ପ୍ରଥମ ଗ୍ରୁପ, ଦ୍ୱାଦଶ ଶ୍ରେଣୀ ବାଳକ ପର୍ଯ୍ୟନ୍ତ ଦ୍ୱିତୀୟ ଗ୍ରୁପ ଓ ଦ୍ୱାଦଶ ଶ୍ରେଣୀ ବାଳିକା ପର୍ଯ୍ୟନ୍ତ ତୃତୀୟ ଗ୍ରୁପ ଆଦି ତିନୋଟି ଗ୍ରୁପ୍‌ରେ ଅଂଶଗ୍ରହଣକାରୀ ଏଥିରେ ଭାଗ ନେଉଛନ୍ତି।

# ଇତିହାସ ରଚିଲେ ବୁମରା

ନୂଆଦିଲ୍ଲୀ, ୧୦।୧୦: ଜସପ୍ରିତ ବୁମରା ତିନୋଟି ଫର୍ମାଟରେ (ଟେଷ୍ଟ, ଏକଦିବସୀୟ ଏବଂ ଟି-୨୦) ଅତି କମରେ ୫୦ଟି ମ୍ୟାଚ୍ ଖେଳିଥିବା ପ୍ରଥମ ଭାରତୀୟ ଦ୍ରୁତ ବୋଲର ହୋଇଛନ୍ତି। ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଖେଳାଯାଉଥିବା ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ହେଉଛି ବୁମରାଙ୍କ ୫୦ତମ ଟେଷ୍ଟ। ବୁମରା ଏମ.ଏସ ଧୋନୀ ଏବଂ ବିରାଟ କୋହଲିଙ୍କ ଏଲିଟ କ୍ଲବରେ ସାମିଲ ହୋଇଛନ୍ତି।

ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ଦିଲ୍ଲୀର ଅରୁଣ ଜେଟଲି କ୍ରିକେଟ ଷ୍ଟାଡିୟମରେ ଖେଳାଯାଉଛି। ଏହା ବୁମରାଙ୍କ ୫୦ତମ ଟେଷ୍ଟ ମ୍ୟାଚ୍। ସେ ଖେଳିଥିବା ୪୯ ଟି ଟେଷ୍ଟରେ ସେ ୨୨୨ ଟି ଉଇକେଟ ନେଇଛନ୍ତି ଏବଂ ୧୫ଟି ପାଞ୍ଚ ଉଇକେଟ ନେଇଛନ୍ତି।

୩୧ ବର୍ଷୀୟ ବୁମରା ୨୦୧୬ରେ ତାଙ୍କର ଟି-୨୦ ଡେବ୍ୟୁ ସହିତ ଏକକାଳୀନ ଦିନିକିଆ ଡେବ୍ୟୁ କରିଥିଲେ। ଦୁଇ ବର୍ଷ ପରେ ସେ ତାଙ୍କର ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ବୁମରା ୫୦ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଏହା ସହିତ, ସେ ୮୯ଟି ଦିନିକିଆ ଏବଂ ୭୫ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ସେ ୮୯ ଦିନିକିଆରେ ୧୪୯ ଉଇକେଟ ଏବଂ ୭୫ ଟି-୨୦ରେ ୯୬ ଉଇକେଟ ନେଇଛନ୍ତି। ସେ ଦିନିକିଆରେ ପାଞ୍ଚଟି ପାଞ୍ଚ ଉଇକେଟ ନେଇଛନ୍ତି।

ବୁମରା ପ୍ରତ୍ୟେକ ଫର୍ମାଟରେ ଅତି କମରେ ୫୦ଟି ମ୍ୟାଚ୍ ଖେଳିବା ପାଇଁ ପ୍ରଥମ ଭାରତୀୟ ଦ୍ରୁତ ବୋଲର ହୋଇଥିଲେ। ଏହି ସଫଳତା ହାସଲ କରିବାରେ ସେ ସପ୍ତମ ଭାରତୀୟ ଖେଳାଳି। ତାଙ୍କ ପୂର୍ବରୁ ଏମ ଏସ ଧୋନୀ, ବିରାଟ କୋହଲି, ରୋହିତ ଶର୍ମା, ରବିନ୍ଦ୍ରନ ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ ଏବଂ କେଏଲ ରାହୁଲ ଏପରି କରିଛନ୍ତି। ଏବେ ବୁମରା ମଧ୍ୟ ଏହି ତାଲିକାରେ ସାମିଲ ହୋଇଛନ୍ତି।

# ଲେଡି ମ୍ୟାକ୍ସୱେଲ୍

ନୂଆଦିଲ୍ଲୀ: ୨୦୨୫ ମହିଳା ବିଶ୍ୱକପରେ ଆଜିର ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୨୨୧ ରନ କରିଥିଲା। ୭୬ ରନରେ ସାତଟି ୱିକେଟ ହରାଇବା ସତ୍ତ୍ୱେ, ଦଳ ୨୨୧ ରନରେ ପହଞ୍ଚିପାରିଲା। ବେଥ୍ ମୁନି ଏବଂ ଏଲିନା କିଙ୍ଗଙ୍କ ୧୦୬ ରନର ଭାଗୀଦାରୀ ପାକିସ୍ତାନୀ ବୋଲରମାନଙ୍କୁ କଡା ଜବାବ ଦେଇଥିଲା। ବେଥ୍ ମୁନି ୨୦୨୩ ଦିନିକିଆ ବିଶ୍ୱକପରେ ଆଫଗାନିସ୍ତାନ ବିପକ୍ଷରେ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ପରି ଏକ ଇନିଂସ ଖେଳିଥିଲେ। ସେ ଅପରାଜିତ ୧୦୯ ରନ କରିଥିଲେ, ଯେତେବେଳେ ଏଲିନା କିଙ୍ଗ ଅପରାଜିତ ୫୧ ରନ କରିଥିଲେ।

ଅଷ୍ଟ୍ରେଲିଆ ୩୦ ରନରେ ପ୍ରଥମ ୱିକେଟ ହରାଇଲା। ଆଲିସା ହିଲି ମାତ୍ର ୨୦ ରନ ଏବଂ ଫୋବି ଲିଚ୍‌ଫିଲ୍ଡ ମାତ୍ର ୧୦ ରନ କରି ଆଉଟ ହୋଇଥିଲେ। ଷ୍ଟାର ବ୍ୟାଟସମ୍ୟାନ୍ ଏଲିସ୍ ପେରି ମଧ୍ୟ ମାତ୍ର ୫ ରନ କରି ବିଦାୟ ନେଇଥିଲେ। କିଛି ସମୟ ମଧ୍ୟରେ ଅଷ୍ଟ୍ରେଲିଆ ୭୬ ରନରେ ସାତଟି ୱିକେଟ ହରାଇଲା ଫ ତେବେ ବେଥ୍ ମୁନି ଗୋଟିଏ ପାର୍ଶ୍ୱରେ ଦୃଢ଼ ଭାବରେ ରହିଥିଲେ। ତାଙ୍କୁ କିଛି ସମୟ ପାଇଁ ସମର୍ଥନ କରିଥିବା କିମ୍ ଗାର୍ଥ ୪୭ ବଲରେ ମାତ୍ର ୨୩.୪ ଷ୍ଟ୍ରାଇକ୍ ହାରରେ ମାତ୍ର ୧୧ ରନ କରିଥିଲେ। ବେଥଙ୍କ ସହିତ ମିଶି ସେମାନେ ୩୯ ରନ ଯୋଡ଼ିଥିଲେ। ଏହା ପରେ ଏଲିନା କିଙ୍ଗ ଏବଂ ବେଥ୍ ମୁନି ଦଳକୁ ସମ୍ଭାଳିଥିଲେ। ବେଥ୍ ମୁନିଙ୍କୁ 'ଲେଡି ଗ୍ଲେନ୍ ମ୍ୟାକ୍ସୱେଲ୍' କୁହାଯାଏ କାରଣ, ୨୦୨୩ ଦିନିକିଆ ବିଶ୍ୱକପ୍ ମ୍ୟାଚ୍ ରେ ଆଫଗାନିସ୍ତାନ ବିପକ୍ଷରେ ଅଷ୍ଟ୍ରେଲିଆ ୨୯୨ ରନର ଲକ୍ଷ୍ୟ ପିଛା କରିବା ସମୟରେ ୯୧ ରନରେ ୭ ୱିକେଟ୍ ହରାଇଥିଲା। ସେଠାରୁ, ଗ୍ଲେନ୍ ମ୍ୟାକ୍ସୱେଲ୍ ୧୨୮ ବଲ୍ ରେ ୨୦୧ ରନ କରି ଅଷ୍ଟ୍ରେଲିଆକୁ ଏକ ଐତିହାସିକ ବିଜୟ ଆଡକୁ ନେଇଯାଇଥିଲେ। ବର୍ତ୍ତମାନ, ମହିଳା ବିଶ୍ୱକପରେ, ବେଥ୍ ମୁନି ଅଷ୍ଟ୍ରେଲିଆକୁ ସମାନ ପରିସ୍ଥିତିରୁ ଉଦ୍ଧାର କରିଛନ୍ତି।

୭୬ ରନରେ ୭ ୱିକେଟ୍ ହରାଇବା ପରେ, ବେଥ୍ ମୁନି ତାଙ୍କ ଅଭିଜ୍ଞତାର ପୂର୍ଣ୍ଣ ଉପଯୋଗ କରି ୧୦୯ ରନ କରିଥିଲେ। ତାଙ୍କ ସହିତ, ଏଲିନା କିଙ୍ଗ ଅପରାଜିତ ୫୧ ରନ କରିଥିଲେ। ପାକିସ୍ତାନ ପାଇଁ ନାଶରା ସାନ୍ଧୁ ସର୍ବାଧିକ ୩ ୱିକେଟ୍ ନେଇଥିଲେ। ଫାତିମା ସାନା ଏବଂ ରମୀନ୍ ଶାମିମ୍ ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ। ଯେତେବେଳେ ଡାଏନା ବେଗ୍ ଏବଂ ସାଦିଆ ଇକବାଲ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ